## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧।୨୦୨୫

| | |
|---|---|
| ୧୦.୬୪,୨୧୩ ଟଙ୍କା | |
| ସୁନା | ୧.୦୫୦ଗ୍ରାମ୍ |
| ରୁପା | ୩୯.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଦୂଷିତ ନଦୀ ଜଳ ସମସ୍ୟାର ସମାଧାନ ଦାବି

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ଦୂଷିତ ନଦୀ ଜଳ ସମସ୍ୟାର ସମାଧାନ ପାଇଁ ପ୍ରୟାସ ସଙ୍ଗଠନର ଏକ ପ୍ରତିନିଧିମଣ୍ଡଳୀ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି। ପ୍ରୟାସ ସଭାପତି କୃଷ୍ଣ ଜଗଦେବ ଓ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଦୟା, ମକରା ଓ ଅନ୍ୟ ନଦୀର ପ୍ରଦୂଷିତ ଜଳକୁ ପାନୀୟଜଳ ଭାବେ ବ୍ୟବହାର କରି ଝାଡ଼ାବାନ୍ତିରେ ପୀଡ଼ିତ ଓ ମୃତକଙ୍କ ପରିବାର ଏବଂ ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ଭୁବନେଶ୍ୱରର କଳ କାରଖାନା, ନାଳନର୍ଦ୍ଦମାର ବର୍ଜ୍ୟବସ୍ତୁ ଏସବୁ ନଦୀରେ ପଡୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଗଦେବ ଏବଂ ପ୍ରଧାନ କହିଥିଲେ। ସରକାର ନଦୀଜଳ ପ୍ରଦୂଷଣ ରୋକିବା ପାଇଁ ତୁରନ୍ତ ମେଗା ବର୍ଜ୍ୟ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରିବାକୁ ସେମାନେ ଦାବି କରିଛନ୍ତି।

### ‘ସଡ଼କ ସୁରକ୍ଷା, ଜୀବନ ରକ୍ଷା’

ପୁରୀ, ୧୮।୧(ଅଜିତ୍ କୁମାର ମହାନ୍ତି)

ପୁରୀ ୟୁଥ୍ ହଷ୍ଟେଲରେ ଶନିବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲାର ୧୧ଟି ବ୍ଲକରୁ ୨୫ ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଭାରପ୍ରାପ୍ତ ଜିଲା ପରିବହନ ଅଧିକାରୀ ତଥା ଏମ୍ଭିଆଇ ରାଜେଶ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ନେହେରୁ ଯୁବକେନ୍ଦ୍ର ପୁରୀର ଏପିଓ ଅଶୋକ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିଥିଭାବେ ଜିଲା ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ମାର୍ସ ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ପୂଜାରୀ ଯୋଗଦେଇ ଶିବିରାର୍ଥୀଙ୍କୁ ସଡ଼କ ସୁରକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଚେତନତା ପାଇଁ ‘ସଡ଼କ ସୁରକ୍ଷା, ଜୀବନ ରକ୍ଷା’ ବାର୍ତ୍ତା ଦିଆଯାଇଥିଲା। ଶିବିରକୁ ପଞ୍ଚାନନ ପଲେଇ, ବାସୁଦେବ ସେନାପତି, ଆଲୋକ ପୂଜାରୀ, ରାକେଶ ସେଠୀ, ଓମ୍ପ୍ରକାଶ ମହାନ୍ତି ଓ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ରବିବାରଠାରୁ ୫ଦିନ ପର୍ଯ୍ୟନ୍ତ ପୁରୀ ସହରର ବିଭିନ୍ନ ଟ୍ରାଫିକ ଛକରେ ଏହି ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରିବେ।

# ଭୋର ୪ଟା ୩୭ରେ ମାଘମେଳା ବୁଡ଼

କୋଣାର୍କ,୧୮।୧(ଜ୍ୟୋତିରାଜ ମହାନ୍ତି)

ଫେବୃଆରୀ ୩ ଓ ୪ରେ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ମେଳା ଅନୁଷ୍ଠିତ ହେବ। ଏଥିନେଇ ଶନିବାର ପୁରୀ ଉପଜିଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ ମେଳାରେ ତ୍ରିଶମ୍ଭୁଙ୍କ ଦେବନୀତି ଓ ନୀତିକାନ୍ତି ସମ୍ପାଦନ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପବିତ୍ର ମାଘସପ୍ତମୀ ବୁଡ଼ ନିମନ୍ତେ ମାଧିପୁର ଗ୍ରାମର ତ୍ରିବେଣୀଶ୍ୱର ମହାଦେବ, ସନ୍ଧପୁର ଗ୍ରାମର ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କ ସ୍ନାନ ନୀତି, ପୂଜାର୍ଚ୍ଚନା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ତ୍ରିଶମ୍ଭୁ ନିଜ ନିଜ ବିଜେସ୍ଥଳୀରୁ ୩ ତାରିଖ ମାଘ ଷଷ୍ଠୀ ରାତି ୯ଟା ୪୫ ମିନିଟ୍ ସମୟରେ ସୁସଜ୍ଜିତ ବିମାନରେ ବିଜେ କରିବେ। ଏହି ପରିପ୍ରେକ୍ଷୀରେ ତ୍ରିଶମ୍ଭୁଙ୍କ ବିମାନ ବିଜେ କରିବା ପରେ ଷଷ୍ଠୀ ରାତି ୧ଟା ୧୬ ମିନିଟ୍ ସମୟରେ କୋଣାର୍କ ଏନ୍ଏସି ପୂଜା ମଣ୍ଡପରେ ଅବସ୍ଥାନ କରିବେ। ସେଠାରେ ତ୍ରିଶମ୍ଭୁଙ୍କ ନିକଟରେ ଭୋଗ ଲାଗି ପରେ



ମାଘମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ ।

କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ଶେଷରେ କୋଣାର୍କ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଭୋଗ ଖାଇବେ। ପରେ ତ୍ରିଶମ୍ଭୁ ପୁଣ୍ୟତୋୟା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା ଆରମ୍ଭ କରି ଷଷ୍ଠୀ ରାତ୍ରି ୪ଟା ସମୟରେ ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପଠାରେ ଅବସ୍ଥାନ କରିବେ। ଦେବନୀତି ଅନୁଯାୟୀ, ତୀର୍ଥ ପୁଷ୍କରିଣୀରୁ ପବିତ୍ର ଜଳ ଆଣି ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା କରାଯାଇ ୪ ତାରିଖ ମାଘସପ୍ତମୀ ତୀର୍ଥ ଭୋର ୪ଟା ୩୭ ମିନିଟ୍ ସମୟରେ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବେ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ସ୍ନାନ ନିମନ୍ତେ ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କ ନେତୃତ୍ୱରେ ତୀର୍ଥ ପୁଷ୍କରିଣୀ ଚତୁଃପାର୍ଶ୍ୱ ଆଖପାଖ ଅଞ୍ଚଳରେ ୩୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ। ତୀର୍ଥ ପୁଷ୍କରିଣୀ ପଡ଼ିଆ ତଥା ସଂଲଗ୍ନ ଅଞ୍ଚଳରେ ୱାଟ୍କୋ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ୪୦ଟି ନଳକୂପ, ୪୦ଟି ପାନୀୟ ଜଳ ଷ୍ଟାଣ୍ଡ ପୋଷ୍ଟ ଓ ୪ଟି ଟ୍ୟାଙ୍କର ଯୋଗେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ କରାଯିବ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ମେଳାପଡ଼ିଆ, ରାମଚଣ୍ଡୀ ପୀଠ, ବେଗୁନିଆ, କୋଣାର୍କ ବସ୍ଷ୍ଟାଣ୍ଡ ଓ ହେଲିପ୍ୟାଡଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯିବା ସହ କୋଣାର୍କ ମେଡିକାଲଠାରେ ୪୮ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଓ ଆମ୍ବୁଲାନ୍ସ ସେବା ପ୍ରଦାନ କରାଯିବ। ଡ୍ରେନେଜ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଖନନ, ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ସ୍ନାନ ପାଇଁ ୩୫୦ ଜଣ ସ୍ୱେଚ୍ଛାସେବୀ ମୁତୟନ, ଜିଲା ସଂସ୍କୃତି ବିଭାଗ ପକ୍ଷରୁ ରାତି ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ହଜିଲା ଖୋଜିଲା ମଞ୍ଚ, ପୂର୍ତ୍ତ ବିଭାଗ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ବ୍ୟାରିକେଡ ନିର୍ମାଣ ଓ ରାସ୍ତା ମରାମତି ନେଇ ସ୍ଥିର ହୋଇଛି। ପୋଲିସ ପକ୍ଷରୁ ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା ସୁଧାର, କୋଣାର୍କ ଏନ୍ଏସି ପକ୍ଷରୁ ଆଲୋକ ବ୍ୟବସ୍ଥା ଆଦି ବ୍ୟବସ୍ଥା ନେଇ ଆଲୋଚନା ହୋଇଛି। ତୀର୍ଥ ପୁଷ୍କରିଣୀ ଓ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଅଗ୍ନିଶମ ବିଭାଗ ପକ୍ଷରୁ ୨୬ ଜଣ ଅଧିକାରୀ, ୨୦ ଜଣ ଲାଇଫ ଗାର୍ଡ ମୁତୟନ ସହ ୩ଟି ଅଗ୍ନିଶମ ସେବା ଗାଡ଼ି ରଖାଯିବ। ଚଳିତ ବୁଡ଼ ନିମନ୍ତେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିବା ଉପଜିଲାପାଳ ରାଜକିଶୋର ଜେନା ପ୍ରକାଶ କରିଛନ୍ତି। ବୈଠକରେ ପୁରୀ ଅତିରିକ୍ତ ଏସ୍ପି ବିଷ୍ଣୁ ପ୍ରସାଦ ପତି, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଛବିରାଣୀ ସାହୁ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଗୋପ ତହସିଲଦାର ଅନିଲ ମହାନ୍ତି, କାକଟପୁର ତହସିଲଦାର ଅନିତା ଅନିନ୍ଦିତା, ପୁରୀ ଜିଲା ପରିବହନ ଅଧିକାରୀ ରବିନ ପଟ୍ଟନାୟକ, କୋଣାର୍କ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଦିଲୀପ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ତିନି ଠାକୁରଙ୍କ ସେବାୟତମାନେ ଉପସ୍ଥିତ ଥିଲେ।

## ରଘୁରାଜପୁରରୁ ପଟ୍ଟଚିତ୍ର କିଣିଲେ ସିଙ୍ଗାପୁର ରାଷ୍ଟ୍ରପତି



ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ୍ ଓ ସହଧର୍ମିଣୀ ଜଣେ ଶିଳ୍ପୀଙ୍କ ସହ ଆଲୋଚନା କରୁଛନ୍ତି ।

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ୍ ଏବଂ ତାଙ୍କ ସହଧର୍ମିଣୀ ଶନିବାର ପୁରୀ ଗସ୍ତରେ ଆସି ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଗ୍ରାମବାସୀ ତଥା ଶିଳ୍ପୀମାନଙ୍କ ସହ ଆଲୋଚନା କରି କିଛି ହସ୍ତଶିଳ୍ପ କ୍ରୟ କରିଛନ୍ତି। ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଗ୍ରାମବାସୀ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

ଏନେଇ ରଘୁରାଜପୁର ଗ୍ରାମର ଶିଳ୍ପୀ ପ୍ରଶାନ୍ତ କୁମାର ସୁବୁଦ୍ଧି କହିଛନ୍ତି, ସିଙ୍ଗାପୁର ରାଷ୍ଟ୍ରପତି ତାଳପତ୍ର ଖୋଦେଇ ପଟ୍ଟଚିତ୍ର କ୍ରୟ କରିଛନ୍ତି, ଯାହାକୁ ତିଆରି କରିବାକୁ ୮ମାସରୁ ଅଧିକ ସମୟ ଲାଗିଥିଲା। ପଟ୍ଟଚିତ୍ରରେ ଏକ କଳସ ଉପରେ ୧୦୮ ଗଣେଶଙ୍କ ଚିତ୍ର ଅଙ୍କନ କରାଯାଇଥିଲା। ସେହିପରି ତାଳପତ୍ରରେ ନିର୍ମିତ ଏକ ରାମାୟଣ ସମ୍ପର୍କିତ କୃତିକୁ ମଧ ସେ କିଣିଛନ୍ତି, ଯେଉଁଥିରେ ଶ୍ରବଣ କୁମାରଙ୍କ ବିଷୟ ଠାରୁ ଆରମ୍ଭ କରି ରାବଣ ବଧ ପର୍ଯ୍ୟନ୍ତ ଚିତ୍ର ମାଧ୍ୟମରେ ଦର୍ଶାଯାଇଥିଲା। ଗ୍ରାମବାସୀ ସୁଦର୍ଶନ ସ୍ୱାଇଁ କହିଛନ୍ତି, ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ପାରମ୍ପରିକ ଭାବେ ସ୍ୱାଗତ କରାଗଲା। ଗୋଟିପୁଅ ନୃତ୍ୟ, ନାଗା ନୃତ୍ୟ ଏବଂ ସଂକୀର୍ତ୍ତନ କରାଯାଇ ଗ୍ରାମକୁ ପାଛୋଟି ଅଣାଯାଇଥିଲା। ସେ କ୍ରାଫ୍ଟ ସେଣ୍ଟର ବୁଲି ଦେଖିବା ସହ ଶିଳ୍ପୀଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ମହାପ୍ରଭୁଙ୍କ ନାଗାର୍ଜୁନ ବେଶର ଏକ ଚିତ୍ର ପ୍ରଦାନ କରାଯାଇଛି। ପୁରୀର ଯୁବ ଚିତ୍ରଶିଳ୍ପୀ ଆୟୁଷ ମହାପାତ୍ର କହିଛନ୍ତି, ପରିଶ୍ରମର ଫଳ ନିଶ୍ଚିତ ମିଳେ, ଯାହା ତାଙ୍କୁ ଆଜି ମିଳିଛି। ସେ ସକାଳୁ ଆସି ରଘୁରାଜପୁର ଗ୍ରାମରେ ପହଞ୍ଚିଥିଲେ। ନିଜେ ତିଆରି କରିଥିବା ଏକ ଫଟୋଚିତ୍ର ରାଷ୍ଟ୍ରପତିଙ୍କୁ ଦେବା ନିମନ୍ତେ ଆସିଥିଲେ, ମାତ୍ର ତାଙ୍କୁ ମନା କରାଯିବାରୁ ସେ ମନଦୁଃଖରେ ଫେରିଥିଲେ। ସେହି ଫଟୋଚିତ୍ରରେ ଶ୍ରୀମନ୍ଦିର ଆଗରେ ରାଷ୍ଟ୍ରପତି ଓ ତାଙ୍କ ସହଧର୍ମିଣୀଙ୍କ ଚିତ୍ର ଅଙ୍କନ କରାଯାଇଥିଲା। ରାଷ୍ଟ୍ରପତି ଫେରିବା ବାଟରେ ତାଙ୍କ ଗାଡ଼ି ଅଟକାଇ ଉକ୍ତ ଫଟୋଚିତ୍ରକୁ ଗ୍ରହଣ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ ସମ୍ଭବ ହୋଇଛି ବୋଲି ମହାପାତ୍ର କହିଛନ୍ତି।



ଗୌରବିହାର ଆଶ୍ରମରେ ଅମୃତ ମହୋତ୍ସବ ଅବସରରେ ମହନ୍ତ ସୁବଳ ଚରଣ ଦାସଜୀ ମହାରାଜଙ୍କ ୭୫ତମ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି ।

## ଅମୃତ ମହୋତ୍ସବ ଉଦ୍‌ଯାପିତ

**ମହନ୍ତ ସୁବଳ ଚରଣ ଦାସଙ୍କ ୭୫ତମ ଜୟନ୍ତୀ ପାଳିତ**

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ପୁରୀର ଗୌରବିହାର ଆଶ୍ରମ (ମାତା ମଠ)ରେ ଚାଲିଥିବା ନବଦିନାତ୍ମକ ଅମୃତ ମହୋତ୍ସବ ଶନିବାର ଉଦ୍ଯାପିତ ହୋଇଯାଇଛି। ଏଥିସହ ମଠାଧୀଶ ମହନ୍ତ ସୁବଳ ଚରଣ ଦାସଜୀ ମହାରାଜଙ୍କ ୭୫ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଅହୋରାତ୍ର ନାମ ସଂକୀର୍ତ୍ତନ, ହୋମ, ଘୃତ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ମହନ୍ତ ସୁବଳ ଚରଣ ଦାସଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ହରି ହରାନନ୍ଦ ଗୁରୁକୁଲମ୍ର ମୁଖ୍ୟ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରିଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ ପରମ୍ପରା ଏବଂ ସୁବଳ ମହାରାଜଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସାମର ଏବିଏସ୍ ନିଗମାନନ୍ଦ ଆଶ୍ରମ ମୁଖ୍ୟ ମହନ୍ତ ଦିବ୍ୟାନନ୍ଦ ସରସ୍ୱତୀ, ଋଷିକେଶର ମହନ୍ତ ଶଙ୍କରାନନ୍ଦ, ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସଜୀ, ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ, କଟକୀ ମଠ ମହନ୍ତ ବିଜୟ ନାରାୟଣ ରାମାନୁଜ ଦାସ, ନେବଳ ଦାସ ମଠ ମହନ୍ତ ରାମଚରଣ ଦାସ, ମହୀପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ, ହାତୀ ଆଖଡ଼ା ମଠ ମହନ୍ତ ସୁଖରାମ ଦାସ, ରାଧାକାନ୍ତ ମଠ ମହନ୍ତ କୃଷ୍ଣଗୋପାଳ ଦାସ, ସିଦ୍ଧବକୁଳ ମଠ ମହନ୍ତ ଶ୍ରୀନିବାସ ଦାସ, ଗୌର ବିହାର ଚାରିଟେବୁଲ ଟ୍ରଷ୍ଟ ସମ୍ପାଦକ ବାବା ଶ୍ୟାମାନନ୍ଦ ଦାସ ଜୀ ଯୋଗଦେଇଥିଲେ। ମାତା ଲବଙ୍ଗ ମଞ୍ଜରୀ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ପୁରୀ ନଗରପାଳ ଶାନ୍ତିଲତା ପ୍ରଧାନ, ଉତ୍କଳ ବିଦ୍ବତ ପରିଷଦ ଅଧ୍ୟକ୍ଷ ମନୋଜ ରଥ, ଭାଜପା ନେତ୍ରୀ ରଞ୍ଜିତା ପାଢ଼ୀ, ଡା. ଶରତ ମହାନ୍ତି, ଡ. ଆଶୁତୋଷ ମିଶ୍ର, ଲେଖକ ବଦ୍ରି ମିଶ୍ର, ରାୟ ଦିଲୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଗୌର ବିଭୂତି ନାମକ ପୁସ୍ତକ ଉନ୍ମୋଚନ କରିଥିଲେ। ମହନ୍ତ ସୁବଳ ମହାରାଜଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓସ୍ତପୁର ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

କାକଟପୁର/ଅସ୍ତରଙ୍ଗ,୧୮।୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ୍ ଓସ୍ତପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ପ୍ରଧାନ ଶିକ୍ଷକ କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ନଇଁଗୁଆଁ ପଞ୍ଚାୟତ ଓସ୍ତପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ସବୁଦିନ ଭଳି ବିଦ୍ୟାଳୟ ବନ୍ଦ କରି ପ୍ରଧାନ ଶିକ୍ଷକ ଘରକୁ ଯାଇଥିଲେ। କିନ୍ତୁ ଶନିବାର ସକାଳ ୬ଟା ୩୦ମିନିଟ୍ ସମୟରେ ଆସି ଦେଖିଥିଲେ ଅଫିସ ସମେତ ଅନ୍ୟ ଗୃହ ତାଲା ଭଙ୍ଗାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି ହୋଇଛି। ଏନେଇ ପ୍ରଧାନ ଶିକ୍ଷକ ଧରଣୀଧର ବେହେରା କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ୩ଥର ଚୋରି ହୋଇଥିବା ବେଳେ ଥାନା ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକ ବେହେରା ଦର୍ଶାଇଥିବା ବେଳେ ଆଜିର ଘଟଣାକୁ ନେଇ ଜିଲା ଶିକ୍ଷାଧିକାରୀ, ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଓ ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ ପ୍ରେରଣ କରିଛନ୍ତି। ଏନେଇ କାକଟପୁର ଥାନା ପୋଲିସ କେସ୍ ନଂ. ୧୧/୨୦୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିବା କାକଟପୁର ଥାନାଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ଅଠଟିରାରେ ଖୋଲିଲା ଧାନମଣ୍ଡି

ଅସ୍ତରଙ୍ଗ,୧୮।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ସମ୍ମିଳିତ ପୁରୀ–ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଅସ୍ତରଙ୍ଗ ଶାଖା ଅଧୀନ ଅଠଟିରା ସେବା ସମବାୟ ସମିତି ପକ୍ଷରୁ ଶନିବାର ଧାନମଣ୍ଡିରେ ଚାଷୀଙ୍କଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ଅଠଟିରା ସମିତିର ସଭାପତି ପଞ୍ଚାନନ ସ୍ୱାଇଁ ଓ ନିର୍ଦ୍ଦେଶକ କୁଞ୍ଜବିହାରୀ ପ୍ରଧାନଙ୍କ ଦ୍ୱାରା ଆନୁଷ୍ଠାନିକ ପୂଜାପାଠ ପରେ ଅଠଟିରା ମଣ୍ଡି ନୋଡାଲ ଅଧିକାରୀ ସତ୍ୟରାଜ ବେହେରା, ଦେବବ୍ରତ ସାହୁ, ଅଠଟିରା ସେବା ସମବାୟ ସମିତି ସମ୍ପାଦକ ଆର୍ତ୍ତତ୍ରାଣ ଛାଟୋଇ, ସାମାଜିକ କର୍ମୀ ଗଜେନ୍ଦ୍ର ସାହାଣୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରିପାରିବେ। ସାଧାରଣ ମାନ କୁଇଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ୍ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ଟଙ୍କାରେ ସଂଗ୍ରହ କରାଯାଉଛି। ଚଳିତବର୍ଷ ଅଠଟିରା ସେବା ସମବାୟ ସମିତିରେ ୩୦୨ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ଦିନରେ ୨୦ଜଣ ଚାଷୀ ୬ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ସୋସାଇଟି ସମ୍ପାଦକ, ମିଲର୍ଙ୍କ ମଧ୍ୟରେ ଆଲୋଚନା କରାଯାଇଛି। ଧାନ ଦେବାରେ ଚାଷୀ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଛି। ଚଳିତବର୍ଷ ଶତ ପ୍ରତିଶତ ଧାନ ଉଠାଇବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ।

## ଆତ୍ମରକ୍ଷା କୌଶଳ ତାଲିମ

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ସୂରଜମଲ ଶାହା ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ଶିବିର ଗୁରୁବାର ଉଦ୍ଯାପିତ ହୋଇଯାଇଛି। ପ୍ରଫେସର ରୁକ୍ମିଣୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ହର୍ଷିତା ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ଉଦ୍ଯାପନୀ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସୁଶାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପିକା ସୁଜାତା ବେହେରା, ପ୍ରାଧ୍ୟାପିକା ମୀନାକ୍ଷୀ ମିଶ୍ର, ଅଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ, ଗ୍ରନ୍ଥାଗାରିକା ଗୀତାରାଣୀ ମହାପାତ୍ର ଓ ଖେଳ ପ୍ରଶିକ୍ଷକ ହରିହର କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

ପିପିଲି,୧୮।୧(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକର ମଙ୍ଗଳପୁର ଓ ଶୁଆବରାଇ ପ୍ରାଥମିକ କୃଷି ସମବାୟ ସମିତିରେ ଶନିବାର ଧାନମଣ୍ଡି ଉଦ୍ଘାଟିତ ହୋଇଛି। ମଙ୍ଗଳପୁର ସେବା ସମବାୟ ସମିତିର ସଭାପତି ମାଗୁଣି ଚରଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଏମ୍ପି ଡ. ସମ୍ବିତ ପାତ୍ର ଆନୁଷ୍ଠାନିକ ଭାବେ ଯୋଗଦେଇ ଧାନମଣ୍ଡିର ଶୁଭ ଉଦ୍ଘାଟନ କରିଥିଲେ। ସମବାୟ ସମିତିର ସମ୍ପାଦକ ଅବକାଶ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଶୁଆବରାଇ କୃଷି ସେବା ସମବାୟ ସମିତିରେ କେନ୍ଦ୍ର ସମବାୟ ବ୍ୟାଙ୍କ ଜିଲା ସଭାପତି କିଶୋର ଛୋଟରାୟ ଆନୁଷ୍ଠାନିକ ଭାବେ ଧାନମଣ୍ଡିର ଶୁଭ ଉଦ୍ଘାଟନ କରିଛନ୍ତି। ସମବାୟ ସମିତିର ସମ୍ପାଦକ ଦିଲୀପ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ସହନିବନ୍ଧକ ସ୍ୱରୂପ କୁମାର କର, ସହକାରୀ ଉପନିବନ୍ଧକ ତଥା କ୍ଷେତ୍ର ଅଧିକାରୀ ଦିଲୀପ କୁମାର ବେହେରା, ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଜିତେନ୍ଦ୍ର ଦାଶ, ସମିତିସଭ୍ୟ ଗଦାଧର ପରିଡ଼ା, ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ବେହେରା, ନୋଡାଲ ଅଫିସର୍ ଲୋପାମୁଦ୍ରା ବଡ଼େଇ, ସରପଞ୍ଚ ଜଗନ୍ନାଥ ନନ୍ଦ, ନୋଡାଲ୍ ଅଫିସର କଲ୍ୟାଣୀ ଜେନା ଓ ରୁପାଲି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ମାଧବାନନ୍ଦଙ୍କ ଭୈମୀ ଏକାଦଶୀ ଉତ୍ସବ ପାଇଁ ପ୍ରସ୍ତୁତି

ଚାରିଛକ,୧୮।୧(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ମାଧବ ମାଧବାନନ୍ଦଙ୍କ ମାଘ ଭୈମୀ ଏକାଦଶୀ ବାର୍ଷିକୋତ୍ସବ ପାଇଁ ମାଧବାନନ୍ଦ ଜୀଉଙ୍କ ବଂଶାନୁକ୍ରମିକ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଆଳି ତହସିଲଦାର ଲିଲନ ସାହୁ, ନିଆଳି ବିଡିଓ ଜଗଦୀଶ ଷଡ଼ଙ୍ଗୀ ଓ ନିଆଳି ଥାନା ଏଏସ୍ଆଇ ସଂଗ୍ରାମ ସିଂ ଉପସ୍ଥିତ ଥିଲେ। ମାଧବାନନ୍ଦ ଜୀଉଙ୍କ ମାଘ ବଡ଼ ଭୈମୀ ଏକାଦଶୀରେ ହେବାକୁଥିବା ଉତ୍ସବ ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ମନ୍ଦିରର ମରାମତି ସହ ରଙ୍ଗକାର୍ଯ୍ୟ, ଜୀଉଙ୍କ ନୀତି ପୂଜା ସହ ମନ୍ଦିରର ବିଭିନ୍ନ ପୂଜା କାର୍ଯ୍ୟର ସୁବ୍ୟବସ୍ଥା ପାଇଁ ଏକ ୧୨ ଜଣିଆ ଉପଦେଷ୍ଟା କମିଟି ଗଢ଼ାଯାଇଥିଲା। ବୈଠକରେ ସ୍ଥାନୀୟ ବିଶ୍ୱକଲ୍ୟାଣ ପୁଷ୍ପାଳକ ସରପଞ୍ଚ ବାବୁରାମ ମଲ୍ଲିକ, ଭାସ୍କର ପୁଷ୍ପାଳକ, ତ୍ରିଲୋଚନ ପୁଷ୍ପାଳକ, ପୂର୍ଣ୍ଣଚନ୍ଦ୍ର ପୁଷ୍ପାଳକଙ୍କ ସହ ବରିଷ୍ଠ ସେବାୟତ, ଯାଦବ ସେବାୟି ଟ୍ରଷ୍ଟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକକୁ ଟ୍ରଷ୍ଟର ଉପଦେଷ୍ଟା ରାମକୃଷ୍ଣ ଦାଶ ମହାପାତ୍ର ସାଧୁବାଦ ଜଣାଇଥିଲେ।

## ରାଜ୍ୟ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ଆରମ୍ଭ

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ହ୍ୟାଣ୍ଡବଲ ଆସୋସିଏଶନ୍ ପକ୍ଷରୁ ୩୦ତମ ରାଜ୍ୟ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ଶନିବାର ତାଳବଣିଆ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ। ଏଥିରେ ୧୬ଟି ଦଳ ଭାଗ ନେଇଛନ୍ତି। ଲିଗ୍ମ୍ୟାଚ ଖେଳି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର, କେନ୍ଦୁଝର, ଯାଜପୁର, ପୁରୀ, ଜଗତ୍ସିଂହପୁର, ଗଞ୍ଜାମ, କଟକ ଦଳ ପ୍ରବେଶ କରିଛନ୍ତି। ପୁରୀ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍ ସାଧାରଣ ସମ୍ପାଦକ ସୀତେନ୍ଦ୍ରନାଥ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍ପି ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ସମାଜସେବୀ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ପୁରୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ଇଂ. ମାନସ କୁମାର ସିଂ ସଭା ପରିଚାଳନା କରିଥିଲେ।




ରାଜ୍ୟ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍ଘାଟନ କାର୍ଯ୍ୟକ୍ରମରେ ଏମ୍ପି ସମ୍ବିତ୍ ପାତ୍ର ଏବଂ ଅନ୍ୟ ଅତିଥି ।

## ନିମାପଡ଼ା କଲେଜ ହେବ ସ୍ମାର୍ଟ କଲେଜ

ନିମାପଡ଼ା,୧୮।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)



ଅତିଥିମାନେ କଲେଜର ସ୍ମରଣିକା, କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

ଆଜିର ଛାତ୍ର, ଯୁବ ସମାଜ ସଶକ୍ତ ହେଲେ ଦେଶ ଓ ରାଜ୍ୟ ସମୃଦ୍ଧ, ବିକଶିତ ହେବ। ଛାତ୍ର ଓ ଯୁବଶକ୍ତି ଦେଶର ମେରୁଦଣ୍ଡ। ଛାତ୍ରୀଛାତ୍ର ସୃଜନଶୀଳତା ପ୍ରତି ଯତ୍ନବାନ ହୋଇ ତାକୁ କାର୍ଯ୍ୟରେ ଲଗାଇବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୧ତମ ବାର୍ଷିକୋତ୍ସବରେ ଯୋଗଦେଇ କହିଛନ୍ତି। ନିମାପଡ଼ା କଲେଜ ଖୁବ୍ଶୀଘ୍ର ଏକ ସ୍ମାର୍ଟ କଲେଜରେ ପରିଣତ ହେବ। କଲେଜରେ ଶାନ୍ତିର ବାତାବରଣ ସୃଷ୍ଟି ହେବ। କଲେଜର ବିଭିନ୍ନ ସମସ୍ୟା, ଛାତ୍ରୀଛାତ୍ରଙ୍କ ବିଭିନ୍ନ ଦାବି ଖୁବ୍ଶୀଘ୍ର ପୂରଣ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ମୁଖ୍ୟବକ୍ତା ଭାବେ ପୁରୀ ଏମ୍ପି ଡ. ସମ୍ବିତ ପାତ୍ର, ଜଗତ୍ସିଂହପୁର ଏମ୍ପି ବିଭୁ ପ୍ରସାଦ ତରାଇ, ଅତିରିକ୍ତ ଜିଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ କଲେଜ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ ଅଧ୍ୟକ୍ଷତା କରି କଲେଜର ବାର୍ଷିକ ବିବରଣୀ ପାଠ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଅତିଥିମାନେ ମହାବିଦ୍ୟାଳୟର ଏକ ପୁସ୍ତିକା ଓ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ସମାରୋହରେ ଶିକ୍ଷା ଓ କ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ କଲେଜର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢୀ, ବରିଷ୍ଠ ଅଧ୍ୟାପକ ଚନ୍ଦ୍ରମଣି ସାହୁ, ସନ୍ଦୀପ ଦାଶ, ବିଷ୍ଣୁଚରଣ ସାହୁ ପ୍ରମୁଖ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଲେଜରେ ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ଯୁକ୍ତ ୨ର ନବନିର୍ମିତ ୩ଟି ଶ୍ରେଣୀ ଗୃହ ଓ ୨୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଭୋକେଶନାଲ ବିଲ୍ଡିଂକୁ ଅତିଥିମାନେ ଉଦ୍ଘାଟନ କରିଥିଲେ।

# ୪ରୁ ଖଣ୍ଡଗିରି ମାଘମେଳା, ଅନୁଦାନ ରାଶି ୨ ଗୁଣ ବଢ଼ିଲା

ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)



ପ୍ରସ୍ତୁତି ବୈଠକରେ ମେୟର ସୁଲୋଚନା ଦାସଙ୍କ ସହ ଅଧିକାରୀମାନେ।

**ବିଏମ୍‌ସିର ପ୍ରସ୍ତୁତି ବୈଠକ**

- ଖଣ୍ଡଗିରି ଛକରୁ ଜୟଦେବ ବାଟିକା ପର୍ଯ୍ୟନ୍ତ ଜବରଦଖଲ ହଟିବ
- ପୋଲିସ ସହ ମୁତୟନ ହେବେ ୨୫୦ ଅବସରପ୍ରାପ୍ତ ସେନା କର୍ମଚାରୀ

ଖଣ୍ଡଗିରିଠାରେ ଫେବୃଆରୀ ୪ରୁ ଐତିହାସିକ ମାଘମେଳା ସହ ଯାତ୍ରା ମହୋତ୍ସବ ଆରମ୍ଭ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ବିଏମ୍‌ସି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଏନେଇ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଖଣ୍ଡଗିରି ମେଳା ତଥା ଜାଗମରାର ଆରାଧ୍ୟ ଦେବତା ଅନନ୍ତ କେଶରୀଙ୍କ ଉତ୍ସବ ପାଇଁ ବିଏମ୍‌ସି ପକ୍ଷରୁ ୪ଲକ୍ଷ ଟଙ୍କା ସହାୟତା ଘୋଷଣା କରାଯାଇଛି। ଗତଥର ଏହା ୨ଲକ୍ଷ ଥିଲା। ଏଥର ମେଳାରେ ୧ହଜାରରୁ ଅଧିକ ସାଧୁସନ୍ଥ ଯୋଗଦେବେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଟେଣ୍ଟ, ଆଲୋକ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯିବ। ବିଭିନ୍ନ ପ୍ରବେଶ ପଥରେ ଗେଟ୍ ଲାଗିବା ସହ ୧୦ଟି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଗାଡ଼ି ମୁତୟନ ରହିବ। ବଞ୍ଜାରାଙ୍କ ଅନୁପ୍ରବେଶ ଉପରେ ରୋକ୍ ଲଗାଇବା ପାଇଁ ପଦକ୍ଷେପ ନିଆଯିବ। ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷାକରିବା ସହ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯିବ। କମିଶନ୍‌ରେଟ ପୋଲିସ ସହ ବିଏମ୍‌ସିର ୭ଟି ସ୍କ୍ୱାଡ୍ ଏବଂ ସ୍ୱତନ୍ତ୍ର ଭାବେ ୨୫୦ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଖଣ୍ଡଗିରି ଛକରୁ ଜୟଦେବ ବାଟିକା ଛକ ପର୍ଯ୍ୟନ୍ତ ହୋଇଥିବା ଜବରଦଖଲ ଉଠାଯିବ। ସେହିପରି ଖଣ୍ଡଗିରି ପାହାଡ଼ ଉପରକୁ ପାଣି ନେବା ଏକ ବଡ଼ ସମସ୍ୟା ହୋଇଥିବାବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ୱାଟ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। ଖଣ୍ଡଗିରି ଛକରୁ ଜୟଦେବ ବାଟିକା ଛକ ପର୍ଯ୍ୟନ୍ତ, ମେଳାପଡ଼ିଆ ଆଦି ଅଞ୍ଚଳକୁ ଆଲୋକୀକରଣ କରାଯିବ। ସୁରକ୍ଷା ପାଇଁ ସିସିଟିଭି, ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ମେଳାସ୍ଥଳରେ ୨୪ଘଣ୍ଟିଆ ସଫେଇ କର୍ମୀ ଓ ଗାଡ଼ି ରହିବ। ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା କରାଯିବ। ଏହା ବ୍ୟତୀତ ପୋଲିସ, ମେଡିକାଲ ଟିମ୍, ଅଗ୍ନିଶମ ବିଭାଗ, ୱାଟ୍‌କୋ, ବିଦ୍ୟୁତ୍ ଆଦି ଉପବିଭାଗର ସେବା ଶିବିର ରହିବ। ଚଳିତବର୍ଷ ମେଳାରେ ବ୍ୟବସାୟୀଙ୍କ ପାଇଁ ୪ ଶହରୁ ଅଧିକ ଷ୍ଟଲ୍ ଖୋଲାଯିବ। ଯେଉଁମାନଙ୍କର ବ୍ୟବସାୟିକ ଅନୁମତିପତ୍ର ଥିବ, ସେହିମାନଙ୍କୁ ହିଁ ଷ୍ଟଲ୍ ପକାଇବା ପାଇଁ ପ୍ରୋତ୍ସାହିତ କରାଯିବ। ଭ୍ରାମ୍ୟମାଣ ବ୍ୟବସାୟୀଙ୍କଠାରୁ ଟ୍ରେଡ୍ ଲାଇସେନ୍ସ ଫି' ଆଦାୟ କରାଯିବ। କୌଣସି ବ୍ୟବସାୟୀ ଥର୍ମକୁଲ, ନିଷିଦ୍ଧ ପଲିଥିନ୍ ବା ଏକକ ବ୍ୟବହାର ପ୍ଲାଷ୍ଟିକ୍‌ର ଉପଯୋଗ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୪ଟି ସ୍ଥାନରେ ଗାଡ଼ି ପାର୍କିଂ ଲାଗି ବ୍ୟବସ୍ଥା କରାଯାଇଥିବାବେଳେ ଆଉ ଅଧିକ ସ୍ଥାନରେ ପାର୍କିଂ ସ୍ଥାନ ଚିହ୍ନଟ ପାଇଁ କମିଶନ୍‌ରେଟ ପୋଲିସ ଏବଂ ବିଏମ୍‌ସିର ସାଉଥ୍-ୱେଷ୍ଟ ଜୋନାଲ କମିଶନରଙ୍କୁ ଦାୟିତ୍ୱ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଦୁଇରୁ ତିନି କିଲୋମିଟର ଦୂରରେ ପାର୍କିଂ ସ୍ଥାନ ନିରୂପଣ କରି ସେଠାରୁ ଦେଖଣାହାରିଙ୍କୁ ବସ୍ ଯୋଗେ ଖଣ୍ଡଗିରି ମେଳାସ୍ଥଳକୁ ଆଣିବା ବ୍ୟବସ୍ଥା କରାଯିବ। ବିଏମ୍‌ସିର ଖାଦ୍ୟ ନିରାପତ୍ତା ଟିମ୍ ମେଳାରେ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଖାଦ୍ୟର ମାନ ଓ ଗୁଣବତ୍ତା ଯାଞ୍ଚ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ଚନ୍ଦ୍ରଭାଗା ମାଘମେଳା: ଭୋର ୪ଟା ୩୭ରେ ବୁଡ଼

କୋଣାର୍କ, ୧୮।୧ (ଜ୍ୟୋତିରାଜ ମହାନ୍ତି)

ଫେବୃଆରୀ ୩ ଓ ୪ରେ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ମେଳା ଅନୁଷ୍ଠିତ ହେବ। ଏନେଇ ଶନିବାର ପୁରୀ ଉପଜିଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ମେଳାରେ ତ୍ରିଶମ୍ଭୁଙ୍କ ଦେବନୀତି ଓ ନୀତିକାନ୍ତି ସମ୍ପାଦନ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପବିତ୍ର ମାଘସପ୍ତମୀ ବୁଡ଼ ନିମନ୍ତେ ମାଧିପୁର ଗ୍ରାମର ତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁର ଗ୍ରାମର ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କ ସ୍ନାନ ନୀତି, ପୂଜାର୍ଚ୍ଚନା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ତ୍ରିଶମ୍ଭୁ ନିଜ ନିଜ ବିଜେସ୍ଥଳୀରୁ ୩ ତାରିଖ ମାଘ ଷଷ୍ଠୀ ରାତି ୯ଟା ୪୫ ମିନିଟ୍ ସମୟରେ ସୁସଜ୍ଜିତ ବିମାନରେ ବିଜେ କରିବେ। ଏହି ପରିପ୍ରେକ୍ଷୀରେ ତ୍ରିଶମ୍ଭୁଙ୍କ ବିମାନ ବିଜେ କରିବା ପରେ ଷଷ୍ଠୀ ରାତି ୧ଟା ୧୬ରେ କୋଣାର୍କ ଏନ୍‌ଏସି ପୂଜା ମଣ୍ଡପରେ ଅବସ୍ଥାନ କରିବେ। ସେଠାରେ ତ୍ରିଶମ୍ଭୁଙ୍କ ନିକଟରେ ଭୋଗ ଲାଗି ପରେ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ଶେଷରେ କୋଣାର୍କ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଭୋଗ ଖାଇବେ। ପରେ ତ୍ରିଶମ୍ଭୁ ପୁଣ୍ୟତୋୟା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା ଆରମ୍ଭ କରି ଷଷ୍ଠୀ ରାତ୍ରି ୪ଟା ସମୟରେ ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପଠାରେ ଅବସ୍ଥାନ କରିବେ। ଦେବନୀତି ଅନୁଯାୟୀ, ତୀର୍ଥ ପୁଷ୍କରିଣୀରୁ ପବିତ୍ର ଜଳ ଆଣି ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା କରାଯାଇ ୪ତାରିଖ ମାଘ ସପ୍ତମୀ ତୀର୍ଥ ଭୋର ୪ଟା ୩୭ ମିନିଟ୍‌ରେ ଶ୍ରଦ୍ଧାଳୁ ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବେ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ସ୍ନାନ ନିମନ୍ତେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଚତୁଃପାର୍ଶ୍ୱ ଆଖପାଖ ଅଞ୍ଚଳରେ ୩୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ।

## ଗଣ୍ଡରପୁର, ନଖରା ବିଜୟୀ

**ପିଣ୍ଡିକ କପ୍ କ୍ରିକେଟ ଟୁର୍ନାମେଣ୍ଟ**

ବାରଙ୍ଗ, ୧୮।୧ (ଲିଙ୍ଗରାଜ ରାଉତ)

ଶହୀଦ ପିଣ୍ଡିକ ବାହୁବଳେନ୍ଦ୍ରଙ୍କ ଜନ୍ମମାଟି ଦାରୁଠେଙ୍ଗରେ ଚାଲୁଥିବା ୨୬ତମ ପିଣ୍ଡିକ କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ କଲ୍ୟାଣପୁର ଓ ଗଣ୍ଡରପୁର ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି କଲ୍ୟାଣପୁର ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୭ ଉଇକେଟ୍ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଗଣ୍ଡରପୁର ୧୪ ଓଭର ଖେଳି ୭ ଉଇକେଟ୍ ହରାଇ ୧୩୨ ରନ୍ କରି ବିଜୟୀ ହୋଇଥିଲା। ଗଣ୍ଡରପୁରର କୁନୁ ୫୯ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଅନ୍ଧାରୁଆ ଓ ନଖରା ମଧ୍ୟରେ ଖେଳା ଯାଇଥିଲା। ଟସ୍ ଜିଣି ପ୍ରଥମେ ଅନ୍ଧାରୁଆ ବ୍ୟାଟିଂ କରି ୧୨ ଓଭରରେ ୨ଟି ଉଇକେଟ୍ ହରାଇ ୧୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ନଖରା ୧୨ ଓଭର ଖେଳି ୫ ଉଇକେଟ୍ ହରାଇ ୧୬୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ନଖରାର ଶକ୍ତି ୪୩ ରନ୍ ସହ ୧ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ।



ସୁମନ୍ତ ମହାପାତ୍ର ଫାଉଣ୍ଡେଶନ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସ୍ମୃତି ସୁମନ୍ତ ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ଗୁରୁମାନେ।

## ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ସଡ଼କ ସୁରକ୍ଷା ସଚେତନତା




ଭୁବନେଶ୍ୱର, ୧୮।୧ (ସୁଚିସ୍ମିତା ସାହୁ)

ହେଲ୍ମେଟ୍ ଓ ରିଲିଆନ୍ସ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ଟ୍ରାଫିକ ଛକରେ ତିନିଦିନ ଧରି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ କର୍ମଚାରୀ ନ ଥିବା ଭାବି ଅଧିକାଂଶ ଲୋକ ମୋବାଇଲ ବ୍ୟବହାର କରିବା ଓ ହେଲ୍‌ମେଟ ନ ପିନ୍ଧି ଦ୍ରୁତ ଗତିରେ ଗାଡ଼ି ଚଲାଉଛନ୍ତି। ଯେଉଁମାନେ ଟ୍ରାଫିକ ନିୟମକୁ ନ ମାନି ଗାଡ଼ିଚାଳନା କରୁଥିଲେ, ସେମାନଙ୍କ ହାତରେ ୩ ରଙ୍ଗ ଥିବା ବେଲ୍ଟ ବାନ୍ଧିବା ସହିତ ସଚେତନତା ବାର୍ତ୍ତା ଥିବା ଲିଫ୍‌ଲେଟ୍ ଦେଇ ଟ୍ରାଫିକ ନିୟମ ମାନିବାକୁ ଅନୁରୋଧ କରାଯାଇଥିଲା। ଏଥିସହ ସଡ଼କ ଦୁର୍ଘଟଣାର କାରଣ ଓ ନିରାକରଣ ଉପରେ ଯୁବପିଢ଼ିଙ୍କୁ ଟ୍ରେନିଂ ଦିଆଯାଇ ସଚେତନ ଓ ସତର୍କ କରାଯାଇଥିଲା। କାର୍ଯ୍ୟକ୍ରମରେ ହେଲ୍ମେଟ୍‌ର ସମ୍ପାଦିକା ନିବେଦିତା ଭଞ୍ଜ, ଉପସଭାପତି ନିହାରିକା ପଟ୍ଟନାୟକ, ଲିନା ମିଶ୍ର, ଡ. ସୁଶୀଲ କୁମାର ପଟ୍ଟନାୟକ, ମାନସ ଥାଟୋଇ, ସୌଦାମିନୀ ପଣ୍ଡା, ସ୍ୱର୍ଣ୍ଣ ମିଶ୍ର, ସୁଧା ପଟ୍ଟନାୟକ ଓ ରିଲିଆନ୍ସର କର୍ମଚାରୀମାନେ ସାମିଲ ହୋଇ ଲୋକଙ୍କୁ ସଚେତନ କରିଥିଲେ।

## ନିଖିଳ ଉତ୍କଳ ପେନ୍‌ସନର୍ସ ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ




ବୈଠକରେ ଆସୋସିଏଶନର କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)

ନିଖିଳ ଉତ୍କଳ ପେନ୍‌ସନର୍ସ ଆସୋସିଏଶନ୍‌ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଜୟଦେବ ବିହାରସ୍ଥିତ ଭଗବତୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଡ୍‌ଭୋକେଟ୍ ସଞ୍ଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ ଆସୋସିଏଶନ୍ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ପ୍ରସ୍ତାବ ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବାରୁ ଏହାକୁ ସମସ୍ତେ ସ୍ୱାଗତ କରିଥିଲେ। ଏଥିସହ ରାଜ୍ୟରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଇପିଏଫ୍ ପେନ୍‌ସନଧାରୀଙ୍କ ପାଇଁ ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କା କରିବା, ମହଙ୍ଗା ଭତ୍ତା ପ୍ରଦାନ, ଜୀବନ ପ୍ରମାଣପତ୍ର ଭଳି ବିଭିନ୍ନ ଦାବି ନେଇ ଆସୋସିଏଶନ୍ ପକ୍ଷରୁ ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ କେନ୍ଦୁଝରର ଇପିଏଫ୍ କମିଶନର୍‌ଙ୍କ ସହ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିସହ ସଭ୍ୟ ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ବେହେରା, ସାଙ୍ଗଠନିକ ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, ଉପସଭାପତି ପ୍ରସନ୍ନ କୁମାର ଶତପଥୀ, ପ୍ରଶାନ୍ତ କୁମାର ଶତପଥୀ, ପ୍ରସନ୍ନ କୁମାର ସାମନ୍ତରାୟ ପ୍ରମୁଖ ଗୁରୁତ୍ୱ ଦେଇଥିଲେ।

## ବିଦ୍ୟାଳୟର ଉନ୍ନତି ପାଇଁ ସାମୂହିକ ସହଯୋଗ ଆବଶ୍ୟକ

ଭୁବନେଶ୍ୱର, ୧୮।୧ (ସୁଚିସ୍ମିତା ସାହୁ)

ଐତିହ୍ୟର ପୁନରୁଦ୍ଧାର ପାଇଁ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଆବଶ୍ୟକତା ରହିଛି। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଲାଗି ସାମୂହିକ ସହଯୋଗର ଗୁରୁତ୍ୱ ରହିଛି ବୋଲି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି। ବରଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ଅବସରରେ ବିଧାୟକ ସିଂ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସଂସଦ ସଭାପତି ମାନସ ରଞ୍ଜନ ମହାପାତ୍ର ଶିକ୍ଷା ମାଧ୍ୟମରେ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ମେଣ୍ଟର ପ୍ରତାପ କୁମାର ଜେନା ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରିବା ଦିଗରେ ନିଷ୍ଠାପର ଉଦ୍ୟମ ତଥା ଆନ୍ତରିକ ସହଭାଗିତା ଉପରେ ଆଲୋକପାତ କରିଥିଲେ। ୪୪ ନମ୍ବର ୱାର୍ଡ କର୍ପୋରେଟର ଅଜିତ କୁମାର ବେହେରା, ପୁରାତନ ଛାତ୍ର ସଂସଦର ମୁଖ୍ୟ ଉପଦେଷ୍ଟା ହାରୁନ ରସିଦ ଖାନ୍, ଉପସଭାପତି କୃଷ୍ଣଚନ୍ଦ୍ର ପାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ଅନୀତା ଚାନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ପକ୍ଷରୁ ବିଦ୍ୟାଳୟର ମୁଖପତ୍ର 'ଏକାମ୍ର ଜ୍ୟୋତି'ର ଶୁଭ ଉନ୍ମୋଚନ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମନୋଜା ମଞ୍ଜରୀ ସାହୁ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବିଭୁକଲ୍ୟାଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।



ବରଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

## ୧୯୮୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ




ଭୁବନେଶ୍ୱର, ୧୮।୧ (ଅନୁରାଧା ମହାରଣା)

ଜଗତ୍‌ସିଂହପୁର ଜିଲା ନାଉଗାଁ ହାଟ ଗାରୋଇସ୍ଥିତ ଶ୍ରୀଜଗନ୍ନାଥ ହାଇସ୍କୁଲର ୧୯୮୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମସ୍ତେ ନିଜ ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି ନିଜ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଉତ୍ସବକୁ ସ୍ମରଣୀୟ କରିବାପାଇଁ ସ୍ମାଇଲ୍ ଗୋଲ୍ଡ ଜୁଏଲେରି ଓ ସ୍ମାଇଲ ପ୍ଲସ୍‌ର ପ୍ରତିଷ୍ଠାତା ସେହି ବ୍ୟାଚ୍‌ର ସଦସ୍ୟ ବାବୁରାମ ସ୍ୱାଇଁ ସମସ୍ତ ସାଥୀମାନଙ୍କ ପାଇଁ ଏକ ଛୋଟ ଉପହାରର ଆୟୋଜନ କରିଥିଲେ। ଯାହା ସମସ୍ତଙ୍କୁ ଏହି ଉତ୍ସବର ମଜାକୁ ସବୁବେଳେ ମନେପକାଇଦେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ସମସ୍ତେ ମନଭରି ଉପଭୋଗ କରିଥିଲେ।

## ଦାଢାରେ ଧାନମଣ୍ଡି ଉଦ୍‌ଘାଟିତ

ବାରଙ୍ଗ, ୧୮।୧ (ଲିଙ୍ଗରାଜ ରାଉତ)

ଦାଢା ସେବା ସମବାୟ ସମିତିର ଧାନମଣ୍ଡି ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଉପସଭାପତି ସୁବାସ ଚନ୍ଦ୍ର ପାତ୍ର, ଭଗବାନ ଜେନା, ନିରଞ୍ଜନ ପରିଡ଼ା, ରୋହିତ ରାଉତ, ରାଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭାପତି ଜନକ ମାଝୀ ଏହାକୁ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୯ ଜଣ ଚାଷୀଙ୍କଠାରୁ ସମିତି ପକ୍ଷରୁ କୁଇଣ୍ଟାଲ ପିଛା ୩୧୦୦ଟଙ୍କା ଦରରେ ୨୨୬ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା ।

## 'ସ୍ମୃତିଲିପି'ର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୮।୧ (ସୌମ୍ୟରଞ୍ଜନ ରାଉତ)

'ସ୍ମୃତିଲିପି'ର ୩୦ତମ ବାର୍ଷିକ ଉତ୍ସବ ବୁଦ୍ଧମନ୍ଦିରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଧରଣୀଧର ନାୟକ, ସାହିତ୍ୟିକ ତଥା ନାଟ୍ୟକାର ଇଂ. ଯାମିନୀକାନ୍ତ ଦାସ, ସାହିତ୍ୟିକା ତଥା ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା, ପ୍ରଚାର ପ୍ରସାର ଓ ସମୃଦ୍ଧି କ୍ଷେତ୍ରରେ ପ୍ରତିଟି ଓଡ଼ିଆ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସହ ବିଶ୍ୱ ଦରବାରରେ ସନ୍ଥ ଭୀମ ଭୋଇଙ୍କ ବାଣୀ ପ୍ରତିଫଳିତ ହେବା ଭଳି ଓଡ଼ିଶାର ଗର୍ବ ଓ ଗୌରବକୁ ଅକ୍ଷୁଣ୍ଣ ରଖିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ମୃତିଲିପି ପତ୍ରିକାର ନିୟମିତ ଲେଖକ ଯୁବ କବି ଡା. ବିଭାବସୁ ବିଶ୍ୱାଳଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସ୍ମୃତିଲିପି ସାହିତ୍ୟ ପତ୍ରିକାର ସ୍ୱତନ୍ତ୍ର ବିଶେଷାଙ୍କ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।




ଉତ୍ସର୍ଗ ପକ୍ଷରୁ ଶନିବାର ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ୧୧ତମ ନେତାଜୀ ଉତ୍ସବ।

## କାର୍ଟୁନ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଧରାଶାୟୀ କରିଦିଏ

ଭୁବନେଶ୍ୱର, ୧୮।୧ (ସୌମ୍ୟରଞ୍ଜନ ରାଉତ)




ଓଡ଼ିଶା କାର୍ଟୁନ ଏକାଡେମୀ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀ ଓ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଶା କାର୍ଟୁନ ଏକାଡେମୀ ପକ୍ଷରୁ କାର୍ଟୁନ ପ୍ରଦର୍ଶନୀ ସହ 'ଓଡ଼ିଶାର ଖବରକାଗଜ ଓ ପତ୍ରପତ୍ରିକାରେ କାର୍ଟୁନ କଳାର ସ୍ଥାନ' ଶୀର୍ଷକ ଏକ ଆଲୋଚନାଚକ୍ର ଶନିବାର ସୂଚନା ଭବନଠାରେ ଆରମ୍ଭ ହୋଇଛି। ଚିତ୍ରଶିଳ୍ପୀ କେଶୁ ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ କାର୍ଟୁନ ଏକାଡେମୀ ସଭାପତି ତଥା କାର୍ଟୁନ ଶିଳ୍ପୀ କମଳାକାନ୍ତ ରଥ ଅତିଥି ପରିଚୟ ଦେଇଥିଲେ। ଅତିଥି ଭାବେ ପ୍ରମେୟର ସମ୍ପାଦକ ଗୋପାଳ କୃଷ୍ଣ ମହାପାତ୍ର ଯୋଗଦେଇ କହିଲେ, କାର୍ଟୁନ ହେଉଛି ଏମିତି ଏକ ଅସ୍ତ୍ର, ଯାହା ଯେତେ ଶକ୍ତିଶାଳୀ ବ୍ୟକ୍ତି ହେଲେ ବି ତା'କୁ ଧରାଶାୟୀ କରିଦିଏ। କାର୍ଟୁନରେ ଚିତ୍ର ଅପେକ୍ଷା ସେଥିରେ ଗୋଟିଏ ବା ଦେଢ଼ ଧାଡ଼ିରେ ଲେଖାଯାଉଥିବା କ୍ୟାପ୍‌ଶନ ଅଧିକ ମହତ୍ତ୍ୱ ରଖେ। ସମ୍ବାଦ ସମ୍ପାଦିକା ତନୟା ପଟ୍ଟନାୟକ କହିଲେ, ବୃହତ୍ତର ପାଠକ ସମାଜ ପାଖରେ ପହଞ୍ଚିବା ପାଇଁ କାର୍ଟୁନ ଏକ ସବଳ ମାଧ୍ୟମ। କାର୍ଟୁନ ଏଭଳି ହେବା ଉଚିତ୍, ଯାହାକୁ ଖବରକାଗଜର ପ୍ରଥମ ପୃଷ୍ଠାରେ ଦିଆଯାଇପାରିବ। ସୁଲେଖକ ମୃଣାଳ ଚାଟାର୍ଜୀ କହିଲେ, କାର୍ଟୁନ ଚିତ୍ରର ତୀକ୍ଷ୍ଣ ସନ୍ଦେଶ ପ୍ରତି ସହନଶୀଳତା ଦିନକୁ ଦିନ କମିଯାଉଛି। ଆଜିକାଲି କ୍ଷମତାରେ ଥିବା ବ୍ୟକ୍ତିବିଶେଷଙ୍କୁ ଦେବତା ବୋଲି ମଣାଯାଉଛି, ଯାହା କାର୍ଟୁନ ଭାବଧାରାର ବିପରୀତ। ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ତଥା ସାମ୍ବାଦିକ ରୁବେନ୍ ବାନାର୍ଜୀ କହିଲେ, ଏହି ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଏଭଳି ଏକ ସମୟରେ ହେଉଛି ଯେତେବେଳେ ଦେଶରେ କେତେଜଣ କାର୍ଟୁନିଷ୍ଟଙ୍କ ଉପରେ ହିଂସାତ୍ମକ ଆକ୍ରମଣର ଘଟଣା ଘଟିଛି। ଏହାର ମୂଳ କାରଣ ହେଉଛି ଅସହିଷ୍ଣୁତା। ସୁନାମଧନ୍ୟ କାର୍ଟୁନିଷ୍ଟ ପରେଶ ନାଥ ନିଜ କାର୍ଟୁନିଷ୍ଟ ଜୀବନର ଅନୁଭୂତି ବର୍ଣ୍ଣନାକରି କହିଲେ, ପୂର୍ବାପେକ୍ଷା ବର୍ତ୍ତମାନ କାର୍ଟୁନ ପ୍ରତି ସହନଶୀଳତା କମିଯାଇଛି। ଏହି ଅବସରରେ କାର୍ଟୁନ କଳାକୁ ତାଙ୍କର ଜୀବନବ୍ୟାପୀ ଅବଦାନ ପାଇଁ ପରେଶ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ପ୍ରଦର୍ଶନୀରେ ଓଡ଼ିଶାର ୧୮ଜଣ କାର୍ଟୁନ୍ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଉଚ୍ଚକୋଟୀର ଚିତ୍ର ସ୍ଥାନ ପାଇଥିବାବେଳେ ଅତିଥି ଓ ଅନ୍ୟମାନେ ଏହାକୁ ବୁଲି ଦେଖିଥିଲେ।

## ସଂକ୍ଷେପରେ

### କାର୍ ଧକ୍କାରେ ନବୋଦୟ ପରୀକ୍ଷାର୍ଥୀ ଗୁରୁତର

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

କାର ଧକ୍କାରେ ଜଣେ ନବୋଦୟ ପରୀକ୍ଷାର୍ଥୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ନିକଟ କାଶୀପୁର ଗ୍ରାମର ରାଜୀବ ପ୍ରଧାନ(୧୧)। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ନବୋଦୟ ପ୍ରବେଶିକା ପରୀକ୍ଷା ଦେବା ପାଇଁ ରାଜୀବ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠକୁ ଆସିଥିଲେ। ପରୀକ୍ଷା ପରେ ମା'ଙ୍କ ସହ ବସ୍‌ଷ୍ଟାଣ୍ଡକୁ ଯାଉଥିବାବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### କଲେଜରେ ଏନ୍‌ସିସି କାର୍ଯ୍ୟକ୍ଷମ ଦାବିକଲେ ଛାତ୍ରୀ

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ୟୁନିଟ (ଏନ୍‌ସିସି) କାର୍ଯ୍ୟକ୍ଷମ ଦାବିରେ ଯୁକ୍ତ ତିନିର ଏକାଧିକ ଛାତ୍ରୀ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି। ପୂର୍ବରୁ ଏହି ମହାବିଦ୍ୟାଳୟରେ ଏନ୍‌ସିସି ୟୁନିଟ ରହିଛି। ତେବେ ଏଠାରେ ଏନସିସି ବନ୍ଦ ପାଇଁ ନୋଟିସ ଆସିଛି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ପଚାରିବାରୁ ଏଠାରେ କେହି ଏନ୍‌ସିସି ଅଫିସର ନ ଥିବାରୁ କଲେଜରୁ ୟୁନିଟ ବନ୍ଦ ନେଇ ନୋଟିସ ଆସିଥିବା କହିଥିଲେ। ମହାବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଏନ୍‌ସିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଥମ ବର୍ଷ ଛାତ୍ରୀ ଏନସିସିରେ ଯୋଗଦାନ ପାଇଁ ଇଚ୍ଛୁକ ଥିବା ବେଳେ ନିରାଶ ହେବାକୁ ପଡିଛି। କ୍ୟାମ୍ପସରେ ଏନସିସି କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି।

### ଆତ୍ମରକ୍ଷା କୌଶଳ ତାଲିମ ଶିବିର

ବାଣପୁର,୧୮।୧(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ପ୍ରଶାନ୍ତ ଦାଶ, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, କଲ୍ୟାଣୀ ବୈରିଗଞ୍ଜନ, ସୁଚିତ୍ରା ଦାଶ, ରୋଜାଲିନ୍ ଦାଶ, ସାଗରିକା ଦାସ, କସ୍ତୁରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୫୦ ଛାତ୍ରୀ ତାଲିମ ନେଇଥିଲେ। ଉକ୍ତ ଶିବିରକୁ କ୍ରୀଡ଼ା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ସୁଶ୍ରୀ କଳ୍ପଶ୍ରୀ ପ୍ରଧାନ ଆତ୍ମରକ୍ଷାର ବିଭିନ୍ନ କୌଶଳର ତାଲିମ ଦେଇଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିବଶଙ୍କର ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚପାଇକ ପରିବା ବଜାର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

■ ଶହେ ପିଣ୍ଡି ପାଇଁ ୫୦ ଲକ୍ଷ ବଜେଟ
■ ସ୍ୱପ୍ନର ଖୋର୍ଦ୍ଧା ଗଢ଼ିବାରେ ସହଭାଗିତା ଜରୁରୀ

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଟିଏଲ୍‌ସି ରୋଡ୍‌ରେ ନବନିର୍ମିତ ପଞ୍ଚପାଇକ ବଜାର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ ବେପାରୀମାନଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇବା ସହ ଜଣେ ବେପାରୀଙ୍କଠାରୁ ପରିବା କିଣିଥିଲେ।

ଆୟୋଜିତ ସଭାରେ ଉଠାଦୋକାନୀଙ୍କୁ ସମ୍ବୋଧିତ କରି ଏମ୍‌ପି ଷଡ଼ଙ୍ଗୀ କହିଥିଲେ, ୨୪ ବର୍ଷ ତଳେ ଏଠାରେ ଜିଲାପାଳ ଥିବା ସମୟରେ ସହର ବିକାଶ ଲାଗି ଉଚ୍ଛେଦ ପାଇଁ ଇଚ୍ଛା ଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ସମ୍ଭବ ହୋଇପାରି ନ ଥିଲା। ଏବେ ଖୋର୍ଦ୍ଧାର ନବକଳେବର ଆରମ୍ଭ ହୋଇଛି। ଭଲକାମ ପାଇଁ ଇଚ୍ଛାଶକ୍ତି, ସାଧନ ଏବଂ ସକାରାତ୍ମକ ମନୋଭାବ, ସ୍ଥିର ଲକ୍ଷ୍ୟର ଆବଶ୍ୟକତା ରହିଛି। ଏଠାରେ ପରିବା ହାଟର ଶହେଟି ପିଣ୍ଡି ପାଇଁ ୫୦ଲକ୍ଷ ଟଙ୍କାର ବଜେଟ କରାଯାଇଛି। ଏଥିଲାଗି ସାଂସଦ ପାଣ୍ଠିରୁ ୨୦ଲକ୍ଷ, ବିଧାୟକ ପାଣ୍ଠିରୁ ୧୦ଲକ୍ଷ ଘୋଷଣା କରିଛନ୍ତି। ବଳକା ୨୦ଲକ୍ଷ ଜିଲା ପ୍ରଶାସନ ବ୍ୟବସ୍ଥା କରିବେ। ସେହିପରି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ଆଜିଠୁ ଖୋର୍ଦ୍ଧାର ବିକାଶ ପର୍ବ ଆରମ୍ଭ ହୋଇଛି। ଆଗକୁ ଏହି ଅଭିଯାନ ଜାରି ରହିବ। ୫ ବର୍ଷ ମଧ୍ୟରେ ଖୋର୍ଦ୍ଧାର କଳା, ସଂସ୍କୃତି, ବରୁଣେଇର ସୌନ୍ଦର୍ଯ୍ୟକରଣ, ପାଇକ ସ୍ମାରକୀ, ଉନ୍ନତ ରାସ୍ତାଘାଟ, ବିଜେବି ହାଇସ୍କୁଲ, ପିଏନ୍ କଲେଜର ମଧ୍ୟ ନବକଳେବର କରାଯିବ। ଉଚ୍ଛେଦ ହୋଇଥିବା ସ୍ଥାନର ସୌନ୍ଦର୍ଯ୍ୟକରଣ କରାଯିବ। ଆଗକୁ ସହରରେ ଶପିଂ ମଲ୍, ଫୁଡ୍‌ପାର୍କ, ମାର୍କେଟ କମ୍ପ୍ଲେକ୍ସ, ଗୀତାଭବନ ପଡ଼ିଆରେ ୫ଶହରୁ ଊର୍ଦ୍ଧ୍ୱ ବସିବା ଭଳି ଅଡିଟୋରିୟମ, ଖୋର୍ଦ୍ଧାରେ ଉନ୍ନତ ମିନିଷ୍ଟାଡିୟମ ନିର୍ମାଣ କରାଯିବା ଲକ୍ଷ୍ୟ ରହିଛି। ଖୋର୍ଦ୍ଧାରେ ଶିଳ୍ପାଞ୍ଚଳ ଭିତ୍ତିଭୂମିର ବିକାଶ ସହ ଏହାର ସିଏସ୍‌ଆର ପାଣ୍ଠି ଖୋର୍ଦ୍ଧାର ବିକାଶରେ ଲଗାଯିବ। ଜିଲାପାଳ ଚଞ୍ଚଳ ରାଣା କହିଥିଲେ, ୫.୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ଭେଣ୍ଡିଂଜୋନ୍ ନିର୍ମାଣ କରାଯାଇଛି। ଏଠାରେ ସମସ୍ତ ସୁବିଧା ଉପଲବ୍ଧ କରାଯିବ। ପୌରନିର୍ବାହୀ ଅଧିକାରୀ ରିଜ୍‌ୱାନ କଅକବ ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେଇ କହିଥିଲେ, ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ଏଠାରେ ଥଇଥାନ କରାଯାଇଛି। ଏତଦ୍‌ବ୍ୟତୀତ ୭୦ରୁ ୮୦ ଜଣ ଉଠାଦୋକାନୀଙ୍କୁ ମଧ୍ୟ ଥଇଥାନ କରାଯାଇଛି। ବ୍ୟବସାୟୀଙ୍କ ସୁବିଧା ପାଇଁ ଆଲୋକୀକରଣ, ପାନୀୟଜଳ, ଶୌଚାଳୟ, ପାର୍କିଂସ୍ଥଳ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ପିଣ୍ଡି କାମ ଆରମ୍ଭ ହେବ। ଜିଲା ପ୍ରଶାସନର ମାର୍ଗଦର୍ଶନ, କାଉନ୍‌ସିଲରମାନଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଛି। ସ୍ୱପ୍ନର ଖୋର୍ଦ୍ଧା ଗଢ଼ିବାକୁ ହେଲେ କଠିନ ପରିଶ୍ରମ ଏବଂ ସମସ୍ତଙ୍କ ସହଯୋଗ ଜରୁରୀ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭାଜପା କାଉନ୍‌ସିଲର, ଭେଣ୍ଡିଂଜୋନ କମିଟି ସଦସ୍ୟ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ବସ୍‌ଷ୍ଟାଣ୍ଡଠାରୁ ଏମ୍‌ପି ଏବଂ ବିଧାୟକ ଦଳୀୟ କର୍ମୀଙ୍କ ସହ ବାଇକ୍ ଶୋଭାଯାତ୍ରାରେ ବାହାରି ସମବାୟ ଛକ, ଟ୍ରାଫିକ୍ ଛକ ଦେଇ ଚଣ୍ଡିଚୁଆ ଛକରେ ପହଞ୍ଚିଥିଲେ। ସେଠାରୁ ପଦଯାତ୍ରାରେ ବାହାରି ସଭାସ୍ଥଳରେ ପହଞ୍ଚିଥିଲେ।

### ଫେରିଗଲେ ପୌରାଧ୍ୟକ୍ଷା, କାଉନ୍‌ସିଲର

ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ନବନିର୍ମିତ ଭେଣ୍ଡିଂ ଜୋନ୍ ଉଦ୍‌ଘାଟନ ଏବଂ ସାଧାରଣ ସଭା ହୋଇଥିଲା। ଏଥିରେ ଯୋଗଦେବାକୁ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ କାଉନ୍‌ସିଲରଙ୍କୁ ନିର୍ବାହୀ ଅଧିକାରୀ ରିଜ୍‌ୱାନ କଅକବ ନିମନ୍ତ୍ରଣ କରିଥିଲେ। ଭେଣ୍ଡିଂ ଜୋନ୍ ଉଦ୍‌ଘାଟନ ଫଳକରେ ପୌରାଧ୍ୟକ୍ଷାଙ୍କ ନାମ ଉଲ୍ଲେଖ ରହିଛି। ତେବେ ଫଳକ ଉଦ୍‌ଘାଟନ କିମ୍ବା ସଭାରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ବିଜେଡି କାଉନ୍‌ସିଲରଙ୍କୁ ଡକାଗଲା ନାହିଁ। ଫଳରେ ସେଠାରୁ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ୧୭ ବିଜେଡି କାଉନ୍‌ସିଲର ସଭାସ୍ଥଳରୁ ଫେରିଯାଇଥିଲେ। ମଞ୍ଚ ଉପରେ ଭାଜପାର ୩ କାଉନ୍‌ସିଲର ମଞ୍ଚାସୀନ ଥିବା ବେଳେ ପୌରାଧ୍ୟକ୍ଷାଙ୍କୁ ଡକା ନ ଯିବାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ପୌର ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପଟେ ଉପାଧ୍ୟକ୍ଷ ମହାନ୍ତି କହିଛନ୍ତି, ଉକ୍ତ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ପାଇ ପହଞ୍ଚିଥିଲୁ। ଫଳକ ଉଦ୍‌ଘାଟନ କିମ୍ବା ସଭାମଞ୍ଚରେ ଆମକୁ ଅଣଦେଖା କରାଯାଇଥିଲା। ତେଣୁ ସେଠାରୁ ପଳାଇ ଆସିଲୁ।

### ବେଗୁନିଆ ବ୍ଲକ୍ : ନବୋଦୟ ପ୍ରବେଶିକା ପରୀକ୍ଷାରେ ୯୨ଛାତ୍ରୀଛାତ୍ର ଅନୁପସ୍ଥିତ

ବେଗୁନିଆ,୧୮।୧(ସନ୍ଧ୍ୟାରାଣୀ ମିଶ୍ର)

ନବୋଦୟ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଶନିବାର ବେଗୁନିଆ ବ୍ଲକର ୩ଟି କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ହୋଇଥିଲା। ମୋଟ ୪୮୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯୨ଜଣ ଅନୁପସ୍ଥିତ ଥିଲେ। ବେଗୁନିଆ ବ୍ଲକର ଆଦର୍ଶ ବିଦ୍ୟାଳୟରେ ୨୬୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ୨୨୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୩୯ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତ ରଞ୍ଜନ ବେହେରା ସୁପରିଣ୍ଟେଣ୍ଡେଣ୍ଟ ରହି ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ନିୟନ୍ତ୍ରଣ କରିଥିଲେ। ସାରୁଅ-ଜୟମଙ୍ଗଳ ଉଚ୍ଚ ବିଦ୍ୟାଳୟରେ ୧୨୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଥିବାବେଳେ ୯୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୨୩ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର ସୁପରିଣ୍ଟେଣ୍ଡେଣ୍ଟ ଥିବା ବେଳେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିଲା। ସେହିପରି ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୧୯୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଥିବାବେଳେ ୧୬୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୩୦ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁରଜିତା ଦଳେଇ ସୁପେରିଣ୍ଟେଣ୍ଡେଣ୍ଟ ଭାବେ ରହି ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ନିୟନ୍ତ୍ରଣ କରିଥିଲେ।

# ସରିଲା ମକର ମହୋତ୍ସବ

ବାଘମାରୀ,୧୮।୧(ମିହିର ରଞ୍ଜନ ମହାପାତ୍ର)



ରାଜ୍ୟ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ଅଟ୍ରିସ୍ଥିତ ଉଷ୍ମପ୍ରସ୍ରବଣ ପରିସରରେ ଚାଲିଥିବା ମକର ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବିଧାୟକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ମୁଖ୍ୟ ବକ୍ତା, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶି, ସବରେଜିଷ୍ଟ୍ରାର ଅମିତ୍ କୁମାର ସେଠୀ, ବିଇଓ ଭାସ୍କର ଲେଙ୍କା, ଜିଲା ପରିଷଦ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ରାୟଗୁରୁ, ସୁନନ୍ଦିତା ସାହୁ ପ୍ରମୁଖ ଯୋଗଦେଇ ମହୋତ୍ସବ ଭାଇଚାରା ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଏବଂ ମର୍ଡର୍ନ ଡ୍ୟାନ୍ସ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। ଶିକ୍ଷକ ସୁଧାକର ସେଠୀ ସଂଯୋଜନା କରିଥିବା ବେଳେ ନବ କିଶୋର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

### ଟ୍ରାକ୍ଟର-ଟ୍ରକ୍ ଧକ୍କା, ୨ ଗୁରୁତର

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣ୍ଡି ଗ୍ରାମ ନିକଟରେ ଟ୍ରାକ୍ଟରକୁ ଏକ ଟ୍ରକ୍ ଧକ୍କାଦେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଟ୍ରାକ୍ଟର ଚାଳକ ନବକିଶୋର ପ୍ରଧାନ ଏବଂ ଅନ୍ୟ ଜଣେ ରବିମହାରଣା। ଉଭୟଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୂଚନା ମୁତାବକ, ସରପାରୀରୁ ଟ୍ରାକ୍ଟରଟି ଚଣ୍ଡେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତକରି ତଦନ୍ତ ଚଳାଇଛି।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ଜଟଣୀ,୧୮।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବଡ଼ତୋଟା ବେଲପଡା ସରକାରୀ ହାଇସ୍କୁଲରେ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଉଗ୍ରସେନ ସୁନ୍ଦରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଅର୍ଜୁନ ଚରଣ ସାମନ୍ତରାୟ ଯୋଗଦେଇ କହିଥିଲେ, ନିଶା ମଣିଷକୁ କୁମଣିଷ କରେ ଏବଂ ନିଶା ସେବନ ଦ୍ୱାରା ମଣିଷର ଶାରୀରିକ, ମାନସିକ ଏବଂ ଆର୍ଥିକ ସ୍ତରରେ କ୍ଷତିଗ୍ରସ୍ତ ହୋଇଥାଏ। ତେଣୁ ସମସ୍ତେ ନିଶାଠାରୁ ନିଜକୁ ଦୁରେଇ ରଖିବା ସହିତ ଅନ୍ୟମାନଙ୍କୁ ସେଥିରୁ ନିବୃତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଜବାହାରଲାଲ ସୁବୁଦ୍ଧି ଯୋଗଦେଇ 'ନିଶାକୁ ନା', ଆଦର୍ଶ ଜୀବନଶୈଳୀ, ଶିକ୍ଷାକୁ ଗୁରୁତ୍ୱ ଦେବା, ବିବେକ ମୁତାବକ କାର୍ଯ୍ୟ କରିବା, ମହାପୁରୁଷଙ୍କ ଜୀବନି ପୁସ୍ତକ ଅଧ୍ୟୟନ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ମାଣ୍ଡିଆ

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

### କୃଷିମେଳାରେ ମାଣ୍ଡିଆ ସାମଗ୍ରୀର ଚାହିଦା



ମାଣ୍ଡିଆ ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ଧୀରେ ଧୀରେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଓ ରାଜ୍ୟ ସରକାର ମିଲେଟ ମିଶନ ଉପରେ ଗୁରୁତ୍ୱ ଦେଉଛନ୍ତି। ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଉତ୍ପାଦ ଉପରେ ପ୍ରଶିକ୍ଷଣ ନେଇ ଆତ୍ମନିର୍ଭର ହୋଇପାରିଛନ୍ତି। ଖୋର୍ଦ୍ଧା ହାବେଳି ପଡ଼ିଆରେ ଚାଲିଥିବା ଜିଲା କୃଷି ଯନ୍ତ୍ରପାତି ମେଳାରେ ବେଗୁନିଆ ଆଦର୍ଶ ମହିଳା କୃଷକ ଉତ୍ପାଦକ ସଂଘ ଦ୍ୱାରା ଖୋଲାଯାଇଥିବା ମାଣ୍ଡିଆ ଷ୍ଟଲ ମୁଖ୍ୟ ଆକର୍ଷଣ ପାଲଟିଛି। ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ବିସ୍କୁଟ, କେକ୍, ପୋଡ଼ପିଠା, ମୁଡ଼କି, ଚକୋଲେଟ, ମାଲପୁଆ, ମିଷ୍ଟାନ୍ନ, ସ୍ନାକ୍ସ ସମେତ ବରା, ଚପ୍, ସୁପ୍, ପକୋଡ଼ି ପ୍ରଭୃତି ଖାଦ୍ୟ ପାଇଁ ମେଳାରେ ଗ୍ରାହକଙ୍କ ଭିଡ଼ ଜମୁଛି। ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ଏହି ସଂଘର ୩୦ଜଣ ମହିଳା ଗତ ଡିସେମ୍ବରରେ ମିଲେଟ ମିଶନରେ ପ୍ରଶିକ୍ଷଣ ନେଇଥିଲେ। ନିକଟରେ ଭୁବନେଶ୍ୱର କୃଷି ମେଳାରେ ଯୋଗଦେଇଥିଲେ।

ମୃତ୍ତିକା ସଂରକ୍ଷଣ ବିଭାଗ ଡବ୍ଲ୍ୟୁଡିଟି (ସୋସିଆଲ) ସୁଜାତା ଶତପଥୀ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ପ୍ରଶିକ୍ଷଣ ନେବା ପରେ ଭୁବନେଶ୍ୱର କୃଷିମେଳାରେ ସୁଯୋଗ ମିଳିଛି। ମାଣ୍ଡିଆରୁ ୨୦ ପ୍ରକାର ବିଭିନ୍ନ ସାମଗ୍ରୀ, ଖାଦ୍ୟ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଆଗକୁ ଓର୍‌ମାସ୍, ଉଦ୍ୟାନ ଓ କୃଷି ବିଭାଗ ସହଭାଗିତାରେ ଆହୁରି ଅଧିକ ବୈଷୟିକ ଜ୍ଞାନ କୌଶଳରେ ପ୍ରଶିକ୍ଷଣ ଦେଇ ବଜାର ଉପଲବ୍ଧ ଉପରେ ଗୁରୁତ୍ୱ ଦିଆଯିବ। ଆଗକୁ ୫୦ ଏକର ଜମିରେ ମାଣ୍ଡିଆ ଚାଷ କରିବା ଯୋଜନା ରହିଛି। ଏହି ସଂଘର ବୋର୍ଡ ସଦସ୍ୟା ଶାନ୍ତିଲତା ବରିସଲ କୁହନ୍ତି, ପ୍ରାୟ ୮ଶହରୁ ଊର୍ଦ୍ଧ୍ୱ ଶେୟାର ହୋଲ୍ଡର ଅଛନ୍ତି। ବେଗୁନିଆ ବ୍ଲକ ୩ ପଞ୍ଚାୟତ ଅଧୀନ ୨୨ଟି ଗାଁର ୮୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏହି ସଂଘ ଗଠନ କରାଯାଇଛି। ଏଥିରେ ଫୁଲ ଚାଷ, ଛତୁ ଚାଷ, ମହୁ ଚାଷ, ମତ୍ସ୍ୟ ଓ ପଶୁପାଳନ, ପରିବା ଚାଷ, ଆଚାର, ବଡି, ପାମ୍ପଡ, ମସଲା ସାମଗ୍ରୀ, ତନ୍ତବୁଣା କାମ କରୁଛନ୍ତି। ମହିଳାଙ୍କୁ ପାରିଶ୍ରମିକ ଦିଆଯାଉଛି। ମିଲେଟ ପ୍ରତି ଲୋକଙ୍କ ଆଗ୍ରହ ରହିଛି, ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ମାର୍କେଟିଂ ଉପରେ ଗୁରୁତ୍ୱ ଦିଆଯିବ। ସଂଘ ପକ୍ଷରୁ ଏହି ମେଳାରେ ନଳିନୀ ସ୍ୱାଇଁ, ମମତା ଖୁଣ୍ଟିଆ, ଜାନକୀ ସାହୁ, ସ୍ନେହାଞ୍ଜଳି ମାର୍ଥା ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ମୃତ୍ତିକା ସଂରକ୍ଷଣ ବିଭାଗୀୟ ଅଧିକାରୀମାନେ ମାର୍ଗଦର୍ଶନ କରୁଛନ୍ତି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

କୁହୁଡ଼ି କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କ୍ରୀଡ଼ା ସଙ୍ଗଠକ ଆଇନଜୀବୀ ମନୋଜ କୁମାର ମାନସିଂହ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ଲିପିନା ଶ୍ରୀଚନ୍ଦନ, ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ଶିକ୍ଷକ ସମରେଶ ବେହେରା, ଶୈଳବାଳା ମହାରଣା, ସସ୍ମିତା ଦଳବେହେରା, ଅନନ୍ତ ଚରଣ ବାରିକ, ସୁଚିତ୍ରା ରାଉତରାୟ, ପ୍ରକାଶ ଚନ୍ଦ୍ର ସାହୁ, କାହ୍ନୁ ବେହେରା, ଜ୍ୟୋତିର୍ମୟୀ ରାଉଳ, ସୋନାଲି ଚିନାରା, କଳ୍ପନା ରାଉତରାୟ, ସ୍ନେହଲତା ନାୟକ, ତନୁଜା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ରିତେଶ ତରାସ ଶ୍ରେଷ୍ଠ ଖେଳାଳିଭାବେ କୃତିତ୍ୱ ହାସଲ କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ସୁମନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସଂସ୍କୃତି ଭବନ ନିର୍ମାଣ ପାଇଁ ଶିଳାନ୍ୟାସ

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତି ପାଇଁ ଅସୁବିଧା ରହିବ ନାହିଁ। ୮କୋଟି ୮୧ ଲକ୍ଷ ୫୮ ହଜାର ୪୪୪ ଟଙ୍କା ବ୍ୟୟରେ ନିର୍ମାଣ ହେବ ନୂତନ ସଂସ୍କୃତି ଭବନ। ଶନିବାର ଏହି ଭବନ ନିର୍ମାଣ ପାଇଁ ଶୁଭ ଦେଇଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ୫ଶହ ସିଟିଂ ବିଶିଷ୍ଟ ଭବନରେ ସମସ୍ତ ସୁବିଧା ଉପଲବ୍ଧ ରହିବ। ଜିଲାର ସାଂସ୍କୃତିକ ବିକାଶ ଦିଗରେ ଏହା ସହଯୋଗ କରିବ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ବିଡିଓ କ୍ଷୀରାବ୍ଧିତନୟା ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ସଂସ୍କୃତି ଭବନ ନିର୍ମାଣ ପାଇଁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶିଳାନ୍ୟାସ କରୁଛନ୍ତି।

# ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବିଜୟୀ



ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

### ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ

କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଏବଂ କେ.ଟି. ଗ୍ଲୋବାଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କେ.ଟି. ଗ୍ଲୋବାଲ ପ୍ରଥମେ ବ୍ୟାଟିଂକରି ୨୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା କ୍ରିକେଟ କ୍ଲବ ୨୪.୨ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହକରି ବିଜୟୀ ହୋଇଛି। ପ୍ରୀତିରଞ୍ଜନ ବିଜୟସିଂ ଏବଂ ଚନ୍ଦ୍ର ମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିଲେ। ଜିତେନ୍ଦ୍ର ସେନାପତି ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ସମୀର ବଳିୟାରସିଂହ ମ୍ୟାଚ୍ ରେଫରି, କିରଣ ଶତପଥୀ ଏବଂ ସୁଧୀର ସାହୁ ମ୍ୟାଚ୍‌ର ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ରବିବାର ରାଇଜିଂ ଷ୍ଟାର କ୍ରିକେଟ ଟିମ୍ କୁମାରବସ୍ତ ଏବଂ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ କହିଛନ୍ତି।

### ସର୍ବଭାରତୀୟ ମହିଳା ଫୁଟ୍‌ବଲ ପ୍ରଦର୍ଶନୀ ମ୍ୟାଚ୍ ବିଡ଼ାନାସୀ କଟକ ବିଜୟୀ

ନିରାକାରପୁର,୧୮।୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ସଖା ସଂଘ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚାଲିଥିବା ୩୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ପ୍ରଦର୍ଶନୀ ମ୍ୟାଚ୍ ହୋଇଥିଲା। ଭୁବନେଶ୍ୱର ଆଡୋର ଫୁଟ୍‌ବଲ ଏକାଡେମୀ ମହିଳା ଟିମ୍‌କୁ ୧-୦ ଗୋଲରେ ହରାଇ କଟକ ବିଡାନାସୀ ମହିଳା ଫୁଟ୍‌ବଲ ଟିମ୍ ବିଜୟୀ ହୋଇଛି। ନନ୍ଦକିଶୋର ସ୍ୱାଇଁ, ବିପିନ ସାମନ୍ତରାୟ, ସୁକାନ୍ତ ପ୍ରଧାନ, ଓମ୍‌ପ୍ରକାଶ ମିଶ୍ର, ଅକ୍ଷୟ ପଟ୍ଟନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଅନୁଷ୍ଠାନର ଭେଟେରାନ୍ ଟିମ୍ ଏବଂ ଯୁବ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଯୁବ ଟିମ୍ ବିଜୟୀ ହୋଇଥିଲା। ଅତିଥିଭାବେ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ, ନୟାଗଡ଼ ଭାରପ୍ରାପ୍ତ ଏସିଏଫ୍ ତଥା ପଞ୍ଚିରିଡ଼ା ରେଞ୍ଜର ଚୂଡ଼ାରାଣୀ ମୁର୍ମୁ, ଏଲିନା ପାଟ୍ଟଶାଣୀ ମିଶ୍ର, ଜୟଶ୍ରୀ ମିଶ୍ର, ଶିକ୍ଷକନେତା ରମାକାନ୍ତ ମହାପାତ୍ର, ନୀହାର ରଞ୍ଜନ ଭୂୟାଁ ମହାପାତ୍ର, ଜିଏସ୍‌ଟି ଆସିଷ୍ଟାଣ୍ଟ କମିଶନର ବିନୟ କୁମାର ତ୍ରିପାଠୀ, ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶ, ଏସ୍‌ଆଇ ଭାଗ୍ୟଶ୍ରୀ ବେହେରା, ପ୍ରସନ୍ନ ସେଠୀ, ଶିକ୍ଷୟିତ୍ରୀ ପ୍ରମିଳା ପ୍ରଧାନ, ରଶ୍ମିତା ରାଉତରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ ଏବଂ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ମଞ୍ଚ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ କିଶୋର କ୍ଲବ ଭୁବନେଶ୍ୱର ଏବଂ ହିନ୍ଦୁସ୍ତାନ ହିରୋଜ ଫୁଟ୍‌ବଲ ଏକାଡେମୀ କଲିକତା ମଧ୍ୟରେ ହେବ ବୋଲି ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂହ ଏବଂ ସମ୍ପାଦକ ଭାଗୀରଥି ପ୍ରଧାନ କହିଛନ୍ତି।

**ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ ସ୍ଥାନୀୟ କଳିଙ୍ଗ ଛକସ୍ଥିତ ତ୍ରିନାଥ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭାଗୀରଥି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଭ୍ରମଣ, ଶିକ୍ଷାନୀତି ଓ ସ୍ୱାସ୍ଥ୍ୟସେବା ବିଷୟରେ ଆଲୋଚନା ହୋଇଥିଲା। ନିକୁଞ୍ଜ ବିହାରୀ ପଣ୍ଡା, ନରହରି ନାୟକ, ରାମଚନ୍ଦ୍ର ସ୍ୱାଇଁ, ପବିତ୍ର ଜେନା, ଶିବ ପ୍ରସାଦ ପତି, ଗୌତମ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନରେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସମସ୍ୟା ସମାଧାନ ପାଇଁ ବିଧାୟିକାଙ୍କ ନିର୍ଦ୍ଦେଶ

କଟକ,୧୮।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍ସି) ଅଧୀନ ୬ ନମ୍ବର ୱାର୍ଡ ଅଞ୍ଚଳରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ସୋଫିଆ ଫିର୍ଦ୍ଦୌସ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିସହ ୱାର୍ଡ ଅଞ୍ଚଳ ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ସିଏମ୍ସି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ରାଜେନ୍ଦ୍ର ପ୍ରସାଦ ଦାସ, ମାନସ ପଟ୍ଟନାୟକ, ଗିରିଜା ପଟ୍ଟନାୟକ, ଯତୀନ୍ଦ୍ର ଦାଶ ଉପସ୍ଥିତ ଥିଲେ।

### ୨ ଧାନମଣ୍ଡି ଉଦ୍‌ଘାଟିତ

କଟକ ସଦର,୧୮।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣା ଓ ପ୍ରହରାଜପୁର ସେବା ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଗତିରାଉତ ପାଟଣା ମଣ୍ଡିକୁ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ସମବାୟ ସମିତି ସଭାପତି ସମର ବେହେରା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୋନାଲି ପ୍ରଧାନ, ଅଶୋକ ପାତ୍ର, ରଜନୀକାନ୍ତ ସାହୁ, ନିର୍ଦ୍ଦେଶକ କବିତା ରାଉତରାୟ, ବସନ୍ତ ବେହେରା, ବିଜୟ ସେଠୀ, ଅନିରୁଦ୍ଧ ରାଉଳ ଓ ନୋଡାଲ ଅଫିସର ସତେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ସେହିପରି ପ୍ରହରାଜପୁର ମଣ୍ଡିକୁ ସ୍ଥାନୀୟ ସରପଞ୍ଚ ଅବ୍‌ଦୁଲ ୱାହିଦ୍ ଖାଁ, ସମିତି ସଭାପତି ସେକ୍ ଇଲିୟାସ୍ ଅଲ୍ଲୀ, ସମିତିସଭ୍ୟ ଲିୟାକତ୍ ଅଲ୍ଲୀ ଖାଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସେକ୍ ରହେମ୍‌ଉଲ୍ଲା, ଅରବିନ୍ଦ ମହାନ୍ତି, ବଟକୃଷ୍ଣ ନାୟକ, ପ୍ରଭାକର ତ୍ରିପାଠୀ, ଚାଷୀ ଅଭିମନ୍ୟୁ ବେହେରା, ସେକ୍ ଅବ୍‌ଦୁଲ ହମିଦ୍, ସନ୍ତୋଷ କୁମାର ପଣ୍ଡା ଓ ରମେଶ ଦଳାଇ ଉପସ୍ଥିତ ଥିଲେ।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୁଣ୍ଟୁଣୀ,୧୮।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ଯୁକ୍ତ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୮ ତାରିଖଠାରୁ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଓଡ଼ିଆ ବିଭାଗର ଅଧ୍ୟାପକ ସୁରେନ୍ଦ୍ର କୁମାର ପେଣ୍ଟୋଇଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଅଧ୍ୟକ୍ଷ ରବି ନାରାୟଣ ଦାସ ଯୋଗଦେଇ ଛାତ୍ରୀମାନେ ସାହସୀ ହେବାକୁ ପରାମର୍ଶ ଦେଇଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ଗୋର୍ଦ୍ଧନ ବେଉରା ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସୁଧାକର ମାଳିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜଲକ୍ଷ୍ମୀ ପଣ୍ଡା, ଡ. ଶାଶ୍ୱତା ସାହୁ, ସୋନା ଓଝା, ସୁରେନ୍ଦ୍ର କୁମାର ସେନାପତି, ବିକାଶ କୁମାର ସାହୁ, ଦଣ୍ଡଧର ଗଡ଼ପଲା, ବଟକୃଷ୍ଣ ବେହେରା, ରମାକାନ୍ତ ମାଝି, ଗଗନି ସାହୁ, ମାନସ ରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶିବିରରେ ଭାଗ ନେଇଥିବା ଯୁକ୍ତ ୨ ପ୍ରଥମବର୍ଷର ୧୨୦ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଅଧ୍ୟାପକ ଶିଶିର କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ନିଦାନ କେନ୍ଦ୍ରରେ ଏକ୍ସ-ରେ ମେଶିନ ଅଚଳ

କଟକ,୧୮।୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ଆଞ୍ଚଳିକ ନିଦାନକେନ୍ଦ୍ର ପରିସରରେ ଥିବା ଏକ୍ସ-ରେ ମେଶିନ ଦୁଇଦିନ ହେବ ଅଚଳ ହୋଇଯାଇଛି। ଫଳରେ ରୋଗୀଙ୍କୁ ମେଡିକାଲର ରଞ୍ଜନରଶ୍ମି ବିଭାଗକୁ ଏକ୍ସ-ରେ ପାଇଁ ପଠାଯାଉଛି। ସୂଚନା ଅନୁଯାୟୀ, ନିଦାନ କେନ୍ଦ୍ରରେ ଗୋଟିଏ ଓ ରଞ୍ଜନରଶ୍ମି ବିଭାଗରେ ୪ଟି ଏକ୍ସ-ରେ ମେଶିନ ରହିଛି। ମେଶିନ ଖରାପ ଯୋଗୁ ରୋଗୀ ଏଣେତେଣେ ଧାଇଁବା ଓ ଗୋଟିଏ ସ୍ଥାନରେ ଭିଡ଼ ଜମାଇ ଘଣ୍ଟା ଘଣ୍ଟା ଏକ୍ସ-ରେ ପାଇଁ ଅପେକ୍ଷା କରି ରହୁଛନ୍ତି। ସେହିପରି ଉକ୍ତ ନିଦାନ କେନ୍ଦ୍ରରେ ସିଟିସ୍କାନ ମେଶିନ ଶୁକ୍ରବାର ଅଚଳ ହୋଇଯାଇଥିଲା। ଶନିବାର ପୂର୍ବାହ୍ନରେ ମେଶିନ କାର୍ଯ୍ୟକ୍ଷମ ହୋଇଥିଲା। ହେଲେ ୭/୮ ଜଣଙ୍କ ସ୍କାନିଂ ହେବା ପରେ ମେଶିନ ପୁଣି ହ୍ୟାଙ୍ଗ ହୋଇଯିବାରୁ ରୋଗୀଙ୍କୁ ଫେରାଇ ଦିଆଯାଇଛି। ସିଟିସ୍କାନ ମେଶିନ ପୁରୁଣା ହୋଇଯିବା ଓ ରୋଗୀସଂଖ୍ୟା ଅଧିକ ଥିବାରୁ ଓଭରଲୋଡ଼ ହୋଇ ଏପରି ସମସ୍ୟା ଉପୁଜିଥିବା ମେଡିକାଲର ଜଣେ କର୍ମଚାରୀ କହିଛନ୍ତି। ତେବେ ମେଡିକାଲରେ ଏଭଳି ଭାବେ ମେଶିନ ଖରାପ ହେବା ନିତିଦିନିଆ ସମସ୍ୟାରେ ପରିଣତ ହୋଇଛି। ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷ କାହିଁକି ତତ୍ପରତା ପ୍ରକାଶ କରୁନାହାନ୍ତି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ରୋଗୀଙ୍କ ସମ୍ପର୍କୀୟ ମାନା ପୃଷ୍ଟି କହିଛନ୍ତି, ଏକ୍ସ-ରେ ପାଇଁ ଗୋଟିଏ ମେଶିନ ଖରାପ ଯୋଗୁ ଅନ୍ୟ ଜାଗାରେ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ଏ ସମ୍ପର୍କରେ ମେଡିକାଲର କୁଳସଚିବ ଡ. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**ଏସ୍‌ସିବି ମେଡିକାଲ**



# ନେତାଜୀ ସଂଗ୍ରହାଳୟ ବୁଲିଲେ ୭୦ ଜଣିଆ ପ୍ରତିନିଧି ଦଳ



ନେତାଜୀ ସଂଗ୍ରହାଳୟ ପରିଦର୍ଶନରେ ଆସିଥିବା ଉତ୍କଳ ବିକାଶ ଯୁବ ପରିଷଦର ପ୍ରତିନିଧି ଦଳ।

କଟକ,୧୮।୧(ଶିଳ୍ପା ପ୍ରିୟଦର୍ଶିନୀ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଉତ୍କଳ ବିକାଶ ଯୁବ ପରିଷଦର ୭୦ ଜଣିଆ ପ୍ରତିନିଧି ଦଳ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ଶନିବାର ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳ ମଧ୍ୟରେ ନେତାଜୀଙ୍କ ବଡ଼ଭାଇ ଶରତ ବୋଷଙ୍କ ନାତି ଅଭିଜିତ୍ ବୋଷ ରାୟ ଓ ତାଙ୍କ ପତ୍ନୀ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏନେଇ ଅଭିଜିତ କହିଛନ୍ତି, ମୋ ଅଜା ଘର ଆସି ବହୁତ ଖୁସି ଅନୁଭବ କରୁଛି। ସଂଗ୍ରହାଳୟକୁ ଆସୁଥିବା ସ୍କୁଲ ଛାତ୍ରାଛାତ୍ରୀଙ୍କୁ ବିନା ଟିକେଟରେ ପ୍ରବେଶ ଅନୁମତି ଦେବାକୁ ଦାବି କରିବା ସହ ବିଭିନ୍ନ ରାଜ୍ୟର ଇତିହାସ ବହିରେ ନେତାଜୀଙ୍କ ଜୀବନୀ ଓ ସଂଗ୍ରାମ କାହାଣୀକୁ ସ୍ଥାନ ଦେବାକୁ ସେ ନିବେଦନ କରିଥିଲେ। ପରିଷଦର ଉପଦେଷ୍ଟା ଦେବୀପ୍ରସାଦ ପୃଷ୍ଟି ଓ ସଭାପତି ସୂର୍ଯ୍ୟକାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ରେଲୱେ ଦୋକାନ ଗୃହ ଉଚ୍ଛେଦ ପ୍ରତିବାଦରେ ଷ୍ଟେଶନ ବଜାର ପୂଜା କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିଥିବା ଶାନ୍ତିପୂର୍ଣ୍ଣ ଧାରଣା ଶନିବାର ଷଷ୍ଠ ଦିନରେ ପହଞ୍ଚିଛି।

## ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘର ନୂତନ କର୍ମକର୍ତ୍ତା

କଟକ,୧୮।୧(କାର୍ତ୍ତିକ ସାହୁ)

ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘର ବାର୍ଷିକ ସାଧାରଣ ସଭା ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ସଂଘ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୫ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇ ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି। ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ମିହିର କୁମାର କାନୁନ୍‌ଗୋ, ଉପସଭାପତି ବିଜୟ କୁମାର ସାହୁ, ସାଧାରଣ ସମ୍ପାଦକ ଡ. ଶିବବ୍ରତ ରାଉତ, କାର୍ଯ୍ୟନିର୍ବାହୀ ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, ସଙ୍ଗଠନ ସମ୍ପାଦକ ମହେଶ୍ୱର ପରିଡ଼ା ଓ ଅର୍ଥ ସମ୍ପାଦକ ସୁରେନ୍ଦ୍ର କୁମାର ପତି ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଶିବେନ୍ଦୁ ଶେଖର ମିଶ୍ର, ବାନାମ୍ବର ମହାନ୍ତି, ସୁହେଲ ସାଜଦ ସରିଫ, ଶାରଦା ପ୍ରସନ୍ନ ଦାସ, ଶୀତଳ ପ୍ରସାଦ ଦାସ, ଆରତତ୍ରାଣ ଭୂୟାଁ, ପୀୟୂଷ ମହାନ୍ତି, ବିଶ୍ୱରଞ୍ଜନ ଦାସ ନିର୍ବାଚିତ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଅଶୋକ କୁମାର ପଟ୍ଟନାୟକ, ନିର୍ବାଚନ ଅଧିକାରୀ ଭାବେ ଦାମୋଦର ନାୟକ ଓ ବିପିନ ବିହାରୀ ମହାନ୍ତି କାର୍ଯ୍ୟ ସମ୍ପାଦନ କରିଥିଲେ।

# ଭିନ୍ନକ୍ଷମ ସାର୍ଟିଫିକେଟ ଜାଲିଆତି ଘଟଣା ନେଇ ଅଧ୍ୟକ୍ଷାଙ୍କୁ ଚିଠି

କଟକ,୧୮।୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଅର୍ଥୋପେଡିକ ବିଭାଗରେ ପିଡବ୍ଲୁଡି ବା ଭିନ୍ନକ୍ଷମ ସାର୍ଟିଫିକେଟ ଜାଲିଆତି ଘଟଣା ନେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି କରିଛନ୍ତି। ଏହି ଘଟଣା ସମ୍ପର୍କରେ ଉତ୍ତର ରଖିବାକୁ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସଙ୍କୁ ଶନିବାର ଚିଠି କରାଯାଇଛି। ଏନେଇ ପ୍ରଫେସର ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନାଥାଉ କି, ୨୦୧୯ରେ ଗଞ୍ଜାମର ଜଣେ ଯୁବତୀ ଭିନ୍ନକ୍ଷମ କୋଟାରେ ଓପିଏସ୍‌ସି ପରିଚାଳନା କରୁଥିବା ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଅଫିସର ପଦ ପାଇଁ ପରୀକ୍ଷା ଦେଇ ସେଥିରେ ଉତ୍ତୀର୍ଣ୍ଣ ହୋଇଥିଲେ। ଡାକ୍ତରୀ ରିପୋର୍ଟରେ ଭିନ୍ନକ୍ଷମ ଦର୍ଶାଯାଇଥିବାବେଳେ ସାକ୍ଷାତ୍‌କାର ସମୟରେ ଯୁବତୀଜଣଙ୍କଠାରେ ଭିନ୍ନକ୍ଷମର କୌଣସି ଲକ୍ଷଣ ନ ଥିବା ଜଣାପଡ଼ିଥିଲା। ତେଣୁ ଉକ୍ତ କମିଶନ ଯୁବତୀଙ୍କୁ ଏସ୍‌ଏସ୍‌ଇପିଡି ବିଭାଗ ଅଧୀନରେ ଥିବା ମେଡିକାଲ ବୋର୍ଡକୁ ଯାଞ୍ଚ ପାଇଁ ପଠାଇଥିଲା। ଉକ୍ତ ବୋର୍ଡ ଯୁବତୀଙ୍କୁ ଏସ୍‌ସିବି ମେଡିକାଲକୁ ଯାଞ୍ଚ ପାଇଁ ପଠାଇଥିଲା ଏବଂ ଯୁବତୀଜଣଙ୍କ ବାମ ହାତର ଆଙ୍ଗୁଠି ବଙ୍କାଥିବା ଜଣାପଡ଼ିଥିଲା, ଯାହାକି ୫ ପ୍ରତିଶତ ଭିନ୍ନକ୍ଷମ ଥିବାବେଳେ ଏସ୍‌ସିବିର ଅର୍ଥୋପେଡିକ ବିଭାଗ ପକ୍ଷରୁ ୬୦ପ୍ରତିଶତ ଭିନ୍ନକ୍ଷମ ଥିବା ନେଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ତେବେ ଏସ୍‌ସିବିରେ ଟଙ୍କା ନେଇ ଏପରି ସାର୍ଟିଫିକେଟ ଜାଲିଆତି କରାଯାଉଥିବା ଯୁବତୀ ଜଣଙ୍କ ଅଭିଯୋଗ ଆଣିଥିଲେ।

**ଏସ୍‌ସିବି ମେଡିକାଲ**

# ଡିଜିଟାଲ ମିଟର ଅଚଳ ପ୍ରତିବାଦରେ ଧାରଣା

କଟକ ସଦର,୧୮।୧(ସୁଶାନ୍ତ କୁମାର ଜେନା)

ସଚଳ ଡିଜିଟାଲ ମିଟରକୁ ଅଚଳ କରିବା ପ୍ରତିବାଦରେ ୟୁନିୟନ୍ ଫର୍ କଟକ ସଦର ଡେଭଲପମେଣ୍ଟ(ୟୁସିଏସ୍‌ଡି) ପକ୍ଷରୁ ଶନିବାର ୪୨ ମୌଜା ବିଦ୍ୟୁତ୍ ସେକ୍ସନ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ୟୁସିଏସ୍‌ଡି ସଭାପତି ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ଉପଭୋକ୍ତା ଟାଟା ପାୱାର କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରିଥିଲେ। ୨ ବର୍ଷ ତଳେ ଉପଭୋକ୍ତା ଲଗାଇଥିବା ଭିଜନ ଟେକ୍ ମିଟରକୁ ଅଚଳ ବୋଲି ଘୋଷଣା କରି ପ୍ରିପେଡ୍ ମିଟର ଲଗାଇବା ପାଇଁ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ୪୨ମୌଜାର ୬ଟି ପଞ୍ଚାୟତରେ ବିରୋଧ କରାଯିବ ବୋଲି ବିଜୟ କୁମାର ନାୟକ, ସରୋଜ ସାସମଲ, ସୁଦର୍ଶନ ଜେନା, ଆନନ୍ଦ ଦେବତା, ପ୍ରକାଶ ମାଝୀ, ପ୍ରସନ୍ନ ବେହେରା, ସ୍ମୃତିରଞ୍ଜନ ଦାସ, ଆଡ୍‌ଭୋକେଟ୍ ଦିଲୀପ କୁମାର ନାୟକ, ସୁଶାନ୍ତ ପରିଡ଼ା, ଶରତ ରାୟ, ରାମଚନ୍ଦ୍ର ଗୋଚ୍ଛାୟତ ପ୍ରମୁଖ କହିଛନ୍ତି। ପରେ ଏକ ପ୍ରତିନିଧିମଣ୍ଡଳୀ ୪୨ ମୌଜାସ୍ଥିତ ଟାଟା ପାୱାର ସହକାରୀ ପରିଚାଳକ ଦୀପକ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରି ପ୍ରିପେଡ୍ ମିଟର ନ ଲଗାଯିବା ପାଇଁ କହିଥିଲେ। ହେଲେ ଏହା ଉପରେ କୌଣସି ପ୍ରତିଶ୍ରୁତି ଦେଇପାରିବେ ନାହିଁ ବୋଲି ସାହୁ କହିଛନ୍ତି।

# ୧୪ ଦଫା ଦାବି ନେଇ ପାଚିକା ସଂଘର ବିକ୍ଷୋଭ




ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଚିକାମାନେ ବିକ୍ଷୋଭ କରୁଛନ୍ତି।

କଣ୍ଟାପଡ଼ା,୧୮।୧(ସୁରନାରାୟଣ ସାହୁ)

ବିଭିନ୍ନ ଦାବି ନେଇ କଣ୍ଟାପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପାଚିକାମାନେ ଶନିବାର ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଅତିରିକ୍ତ ବ୍ଲକ ଶିକ୍ଷାଧିକାରିଣୀ ସବିତାରାଣୀ ସାହୁଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସିଆଇଟିୟୁ ସହଯୋଗରେ ଗଠିତ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସଂଘର ରାଜ୍ୟ ଉପସଭାପତି ପୀତବାସ ବେହେରା ଓ କଣ୍ଟାପଡ଼ା ବ୍ଲକ୍ ସଂଯୋଜିକା ସସ୍ମିତା ସାହୁଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ପାଚିକା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ସ୍କୁଲଛକରେ ଥିବା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଚିକାମାନଙ୍କୁ ସର୍ବନିମ୍ନ ମଜୁରି, ପ୍ରତି ବିଦ୍ୟାଳୟରେ ସର୍ବନିମ୍ନ ୨ଜଣ ପାଚିକା ନିଯୁକ୍ତି, ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ସମେତ ୧୪ ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇଥିଲା।

## ଖୁଣ୍ଟୁଣୀ ବନାଞ୍ଚଳରେ ପକ୍ଷୀଗଣନା

# ୩୯ ପ୍ରଜାତିର ୫୬୦୦ ପକ୍ଷୀ ଚିହ୍ନଟ

ଖୁଣ୍ଟୁଣୀ,୧୮।୧(ସଚ୍ଚିଦାନନ୍ଦ ପଣ୍ଡା)



ଖୁଣ୍ଟୁଣୀ ବନାଞ୍ଚଳରେ ଶନିବାର ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୯ ପ୍ରଜାତିର ୫,୬୦୦ ପକ୍ଷୀ ଚିହ୍ନଟ ହୋଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ପାଞ୍ଚଟି ଫରେଷ୍ଟ ସେକ୍ସନର ୧୨ଟି ୟୁନିଟ୍‌ରେ ପକ୍ଷୀ ଗଣନା କରାଯାଇଛି। ଗତବର୍ଷ ୫୫୦୫ ପକ୍ଷୀ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ୫୬୦୦ ପକ୍ଷୀ ଚିହ୍ନଟ ହୋଇଛନ୍ତି। ଏହି ଗଣନାବେଳେ ଧଳାବଗ, କାଣ୍ଟିବଗ, ଚକୁଆ, ହଂସରାଳି, ଗେଣ୍ଡାଳିଆ, ଟେଣ୍ଟେଇ, ଡାହୁକ, ପାଣିକୁଆ, ମାଛରଙ୍କା ଆଦି ୩୯ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ସାହୁଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ସରୋଜ ପଣ୍ଡା, ଲମ୍ବୋଧର ନାୟକ, ସୁଶାନ୍ତ ଲେଙ୍କା, ରବୀନ୍ଦ୍ର ନାୟକ, ପ୍ରଭାତ ପ୍ରଧାନ, ନଳିନୀ ବେହେରା, ୧୦ ବନରକ୍ଷୀ ଓ ପାରା କର୍ମଚାରୀଙ୍କ ସହ ମୋଟ୍ ୩୦ ଜଣ ବନ ବିଭାଗର କର୍ମଚାରୀ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ଖୁଣ୍ଟୁଣୀ ବନାଞ୍ଚଳର କୃଷ୍ଣଶ୍ୟାମପୁର କୁମାରୀବନ୍ଧ, କୁମାରପୁର ପୋଖରୀ, ଗୋବରା ପୋଖରୀ, କଂସର ପୋଖରୀ, ଜାମୁଝର ୱାଟର ବଡି(ବନ୍ଧ), ମହଲକ୍ଷ୍ମୀପୁର ବାଜିଆନାଳୀ ବନ୍ଧ, ଧବଳେଶ୍ୱର-ନୂଆପାଟଣା ଘାଟ, କଖଡ଼ି ମହାନଦୀ ରିଭର ବ୍ୟାଙ୍କ ଓ ଛତିଶା ପାଟ ଆର୍ଦ୍ରଭୂମି ଭଳି ୧୨ଟି ସ୍ଥାନରେ ପକ୍ଷୀଗଣନା କରାଯାଇଥିଲା। ମହାନଦୀର ନୂଆପାଟଣା-ଚହଟା ଘାଟଠାରୁ ଧବଳେଶ୍ୱର ଘାଟ ଏବଂ କଖଡ଼ିଠାରୁ ବ୍ରହ୍ମପୁର ଘାଟ ପର୍ଯ୍ୟନ୍ତ କର୍ମଚାରୀମାନେ ଡଙ୍ଗାରେ ବସି ପକ୍ଷୀଗଣନା କରିଥିଲେ। ଗଣନାବେଳେ ବାଇନା କୁଲାର ଓ ହାଇଡେଫିନେଶନ କ୍ୟାମେରା ବ୍ୟବହାର କରାଯାଇଥିଲା।

# କଟକ ପ୍ରେସ୍ କ୍ଲବ୍‌ର ନବୀକରଣ କୋଠା ଉଦ୍‌ଘାଟିତ

କଟକ,୧୮।୧(କାର୍ତ୍ତିକ ସାହୁ)

ଚୌଧୁରୀ ବଜାରସ୍ଥିତ କଟକ ପ୍ରେସ୍ କ୍ଲବ୍‌ର ଦୁଇମହଲା କୋଠା ନବୀକରଣ ହେବା ପରେ ଶନିବାର ଏହା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି କଟକ ମହାନଗର ନିଗମ(ସିଏମ୍ସି) ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଛନ୍ତି। ସହରର ମଧ୍ୟସ୍ଥଳରେ ଅବସ୍ଥିତ ଏହି ପ୍ରେସ୍ କ୍ଲବ ଐତିହ୍ୟ ବହନ କରିଆସିଛି। ସିଏମ୍ସି ପକ୍ଷରୁ ଏହାର ନବୀକରଣ କରାଯାଇଥିବାବେଳେ ଏହା କଟକର କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ଉପଯୋଗୀ ହେବ ବୋଲି ମେୟର କହିଛନ୍ତି। ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଅରୁନ୍ଧତି କର, ବରିଷ୍ଠ ସାମ୍ବାଦିକ ପୀତାମ୍ବର ମିଶ୍ର, ଅମ୍ଳାନ ବଦନ ପଟ୍ଟନାୟକ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ଆଲୋକ ନାୟକ ସ୍ୱାଗତ ଭାଷଣ ଓ ସାମ୍ବାଦିକ ସୁକେଶ ବେହେରା ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଦେବୁ ଚାଟାର୍ଜୀ, କାର୍ତ୍ତିକ ସାହୁ, ସରୋଜ ମଲ୍ଲିକ, ଅଭିଜିତ୍ ଚନ୍ଦ୍ର, ପ୍ରଶାନ୍ତ ମହାନ୍ତି, ଗୁରୁ ପ୍ରସାଦ ଦାସ, ଅବିନାଶ ଗୁରୁ, ବିଶ୍ୱଜିତ ଧଳ, ସୁଧାଂଶୁ ଆଚାର୍ଯ୍ୟ, ପ୍ରଣବ ନନ୍ଦି, ରାଜକିଶୋର ଦାସ, ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୀର୍ଘବର୍ଷ ଧରି ଓଡ଼ିଶାର ଏହି ସର୍ବପୁରାତନ ପ୍ରେସ୍ କ୍ଲବ୍ ଅବହେଳିତ ଅବସ୍ଥାରେ ରହିଥିଲା। କଟକରେ କାର୍ଯ୍ୟରତ ସାମ୍ବାଦିକମାନେ ବାରମ୍ବାର ପ୍ରଶାସନ ନିକଟରେ ଏହାର ପୁନରୁଦ୍ଧାର ପାଇଁ ଦାବି କରିଥିଲେ। ସିଏମ୍ସି ପକ୍ଷରୁ ଅନୁଦାନ ବ୍ୟବସ୍ଥା ପରେ ଏହାର ନବୀକରଣ କରାଯାଇଛି।



କଟକ ପ୍ରେସ୍ କ୍ଲବ୍‌ର ନବୀକରଣ କୋଠା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ ଓ ଅନ୍ୟମାନେ।

# ‘ଓଡ଼ିଆ ଲିଖିତ ସାହିତ୍ୟର ପ୍ରଥମ ସ୍ରଷ୍ଟା ସାରଳା ଦାସ’

କଟକ,୧୮।୧(କାର୍ତ୍ତିକ ସାହୁ)

ଓଡ଼ିଆ ଭାଷା ସାହିତ୍ୟ ଇତିହାସରେ କବି ସାରଳା ଦାସ ସ୍ମରଣୀୟ। ସେ ପ୍ରଥମେ ଓଡ଼ିଆ କଥିତ ଭାଷା ସାହିତ୍ୟକୁ ଲିଖିତ ସାହିତ୍ୟରେ ପରିଣତ କରିଛନ୍ତି। ମହାଭାରତ, ଚଣ୍ଡିପୁରାଣ ଓ ବିଲଙ୍କା ରାମାୟଣ ଲେଖି ସେ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିଲେ। କଟକ ମିଶନ ରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ସାରସ୍ୱତ ମହୋତ୍ସବର ଉଦ୍‌ଘାଟନ ସମାରୋହରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ସମାରୋହକୁ ଉଦ୍‌ଘାଟନ କରିଥିଲେ। କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ସାରଳା ଦାସ ଓ ପଞ୍ଚସଖା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ବାବାଜୀ ଚରଣ ପଟ୍ଟନାୟକ କହିଛନ୍ତି, ପଞ୍ଚଦଶ ଶତାବ୍ଦୀର ସାରଳା ମହାଭାରତ ସ୍ୱତନ୍ତ୍ର, ମୌଳିକ ଓ ପୂର୍ଣ୍ଣାଙ୍ଗ। ସାହିତ୍ୟିକ ଇଂ. ଚନ୍ଦ୍ରଶେଖର ନନ୍ଦ କହିଥିଲେ, ବଳରାମ ଦାସଙ୍କ ଦାଣ୍ଡି ରାମାୟଣ ଓଡ଼ିଆ ସାହିତ୍ୟରେ ବିରାଟ ଆଲୋଡ଼ନ ଆଣିଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଆରତୀ କର, ଗବେଷକ କୈଳାସ ପରିଡ଼ା, ଡ. ସ୍ନେହଲତା ମିଶ୍ର ଓ ଡାକ୍ତର ଅଂଶୁମାନ କର ଯୋଗଦେଇଥିଲେ। କଳିଙ୍ଗ ଭାରତୀର କାର୍ଯ୍ୟନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁ ତନ୍ମୟ ହୋତାଙ୍କ ନିର୍ଦ୍ଦେଶନାରେ କଳାବିକାଶ କେନ୍ଦ୍ର ଶାସ୍ତ୍ରୀୟ ବିଭାଗର ଛାତ୍ରୀଛାତ୍ର ସମବେତ ଭଜନ ସଙ୍ଗୀତ ପରିବେଷଣ କରିଥିଲେ। କଳିଙ୍ଗ ଭାରତୀର ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାପତି ରାଜଲକ୍ଷ୍ମୀ ମହାନ୍ତି, ରଞ୍ଜିତ କର, ଡ. ଅନୁପ ମାର୍ଥା, ଡା. ଶୁଭସୁଧା ପ୍ରିୟଦର୍ଶିନୀ, ଜୟନ୍ତୀ ମଞ୍ଜରୀ ରଥ, କିଶୋର ମହାନ୍ତି, ପତିତପାବନ ମହାପାତ୍ର, କ୍ଷେତ୍ରମୋହନ ସାମଲ କାର୍ଯ୍ୟକ୍ରମ ପରିଚାଳନା ଓ ସତ୍ୟ ଗୋପାଳ ପରିଜା ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଛାନ୍ଦ ରଚନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓମ୍ ପ୍ରକାଶ ସାହୁ ଓ ଆଦିତ୍ୟ ପ୍ରସାଦ ଷଡ଼ଙ୍ଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ସାରସ୍ୱତ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଡ. ହରେକୃଷ୍ଣ ଶତପଥୀ ବକ୍ତବ୍ୟ ଦେଉଛନ୍ତି।

**କଳିଙ୍ଗ ଭାରତୀର ତ୍ରିଦିବସୀୟ ସାରସ୍ୱତ ମହୋତ୍ସବ ଉଦ୍‌ଘାଟିତ**

# ଖୁବ୍‌ଶୀଘ୍ର ଆରମ୍ଭ ହେବ ମହାନଦୀ ରିଭରଫ୍ରଣ୍ଟ

କଟକ,୧୮।୧(କାର୍ତ୍ତିକ ସାହୁ)



**ଡିପିଆର୍ ଅନୁମୋଦନ କଲେ ରାଜ୍ୟ ସରକାର**

- ଏନ୍‌ଜିଟି ଗାଇଡ୍‌ଲାଇନ ଅନୁସାରେ ହେବ
- ହାଡ଼ିଆପଠା ଅଞ୍ଚଳରେ ଚାରାରୋପଣ
- ହେବନାହିଁ ସିମେଣ୍ଟ ଅଥବା କଂକ୍ରିଟ ନିର୍ମାଣ
- ବାଲିଯାତ୍ରା ପାଇଁ ୩୪ ଏକର ଜମି ରହିବ

ସାବରମତୀ ଢାଞ୍ଚାରେ ମହାନଦୀ ରିଭରଫ୍ରଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଏବେ ବାସ୍ତବ ରୂପ ନେବାକୁ ଯାଉଛି। ସମ୍ବଲପୁର ଓ କଟକରେ ମହାନଦୀ ରିଭରଫ୍ରଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ କଟକ ବାଲିଯାତ୍ରାର ଉଦ୍‌ଘାଟନୀ ସମାରୋହରେ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ହାଇଲେଭଲ କମିଟିରେ ମହାନଦୀ ରିଭରଫ୍ରଣ୍ଟ ନିର୍ମାଣ ନିମନ୍ତେ ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ଅନୁମୋଦନ ହୋଇସାରିଥିବା ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, କଟକ ବାଲିଯାତ୍ରା ତଳପଡ଼ିଆ ସଂଲଗ୍ନ ଅଞ୍ଚଳରେ ରହିଥିବା ୬୨୦ ଏକର ଜମିରୁ ବାଲିଯାତ୍ରା ପାଇଁ ୩୪ ଏକର ଜମି ବାଦ୍ ଦିଆଯିବ। ଅବଶିଷ୍ଟ ୫୮୬ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ଗାଇଡ୍‌ଲାଇନ୍ ଅନୁଯାୟୀ ଏହି ପ୍ରକଳ୍ପ ଅଧୀନରେ ଜଙ୍ଗଲ ସୃଷ୍ଟି କରାଯିବ। ବିଶେଷକରି ହାଡ଼ିଆପଠା ଅଞ୍ଚଳରେ ଚାରାରୋପଣ କରି ବନୀକରଣ କରାଯିବ। ନ୍ୟାଶନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଗାଇଡ୍ ଲାଇନ୍ ଅନୁସାରେ କାମ କରାଯିବ। ଏଥିରେ କୌଣସି ପକ୍କା ଅଥବା ସିମେଣ୍ଟ କଂକ୍ରିଟ କାମ କରାଯିବ ନାହିଁ। ପ୍ରକଳ୍ପ ଅନୁମୋଦନ ହୋଇସାରିଥିବାରୁ ଏହାର ରୂପରେଖ ଦାୟିତ୍ୱ ନେଇଥିବା ସଂସ୍ଥା ପ୍ରସ୍ତୁତ କରିବ। ଉକ୍ତ ସଂସ୍ଥା ରାଜ୍ୟ ସରକାରଙ୍କୁ ରିଭର ଫ୍ରଣ୍ଟ ରୂପରେଖର ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ଦେଖାଇ ସାରିଛି। ଅପରପକ୍ଷରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏନେଇ ତତ୍ପରତା ପ୍ରକାଶ ପାଇଛି। ବାଲିଯାତ୍ରା ପାଇଁ ଉଦ୍ଦିଷ୍ଟ ୩୪ ଏକର ଜମି ଚିହ୍ନଟ ହେବା ପରେ ବାକି ଜମିରେ ପ୍ରକଳ୍ପ କାମ ହେବ। ପ୍ରଥମ ପର୍ଯ୍ୟାୟରେ ଜିଲା ପ୍ରଶାସନ ୩୪ ଏକର ଜମିକୁ ବାଦ୍ ଦେବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛି। ସେଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ବସି ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏଥିରେ ସିଏମ୍‌ସି, ବନ ବିଭାଗ, ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ଯୋଗଦେଇ ନିଜର ମତ ଉପସ୍ଥାପନ କରିଛନ୍ତି। ତତ୍‌ପରେ ଦାୟିତ୍ୱ ନେଇଥିବା ସଂସ୍ଥା ପ୍ରକଳ୍ପର ନିର୍ମାଣ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରିବ ବୋଲି ଜଣାପଡିଛି। ଏଥିସହ ଆସନ୍ତା ୨୧ ତାରିଖରେ ରାଜ୍ୟ ସରକାରଙ୍କ ସ୍ତରରେ ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପକୁ ନେଇ ଆଉ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ତେବେ ରାଜ୍ୟ ସରକାର ଏହାକୁ ଗୁରୁତର ସହ ଗ୍ରହଣ କରିଛନ୍ତି। ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କମିଶନର ପାତ୍ର କହିଛନ୍ତି।

ଉଲ୍ଲେଖଯୋଗ୍ୟ, କଟକ ବାଲିଯାତ୍ରା ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମାଝୀ ଏକ ବଡ଼ ଘୋଷଣା କରି କହିଥିଲେ, ସାବରମତୀ ଢାଞ୍ଚାରେ ମହାନଦୀରେ ରିଭରଫ୍ରଣ୍ଟ ହେବ। ଏଥିପାଇଁ ରାଜ୍ୟ ସରକାର ୨୦୦ କୋଟି ଟଙ୍କା ଯୋଗାଇଦେବେ। ସମ୍ବଲପୁର ଓ କଟକରେ ଏହି ରିଭରଫ୍ରଣ୍ଟ କରିବା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ ହୋଇସାରିଛି। ଆହୁରି ୧୫୦ କୋଟି ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ଯୋଗାଇ ଦେବେ।

## ୨୨ରୁ 'ବେଟୀ ବଚାଓ ବେଟୀ ପଢ଼ାଓ' ଉତ୍ସବ

ଭୁବନେଶ୍ୱର,୧୮।୧(ସୁଚିସ୍ମିତା ସାହୁ)

**ଯୋଗଦେବେ ମୁଖ୍ୟମନ୍ତ୍ରୀ**

ବେଟୀ ବଚାଓ ବେଟୀ ପଢ଼ାଓ(ବିବିବିପି) ଯୋଜନାର ୧୦ ପୂର୍ତ୍ତି ଅବସରରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଆସନ୍ତା ୨୨ ତାରିଖରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ 'ବେଟୀ ବଚାଓ ବେଟୀ ପଢ଼ାଓ' ଉତ୍ସବ ଆରମ୍ଭ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନାରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହା ମହିଳା ଦିବସ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିବ। ଶିଶୁକନ୍ୟା ଅଧିକାର ଓ ସୁରକ୍ଷା ଦିଗରେ ସଚେତନ କରିବା ପାଇଁ ରାଜ୍ୟ ଓ ଜିଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏଥିରେ ସ୍ଥାନୀୟ କମିଟି, ବିଦ୍ୟାଳୟ, ମହିଳା ସଙ୍ଗଠନ ଓ ଅଞ୍ଚଳବାସୀଙ୍କୁ ସାମିଲ କରାଯିବ। ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ଚିଠି ପଠାଯାଇଛି। ଏ ସଂକ୍ରାନ୍ତ ତଥ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ, ମାଇଁ ଭାରତ ପୋର୍ଟାଲ ଏବଂ ବିବିବିପି ଡାସ୍‌ବୋର୍ଡରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ମେଲ୍ ଆଇଡି mwcdbbbp@gov.inରେ ପଠାଇପାରିବେ ବୋଲି କୁହାଯାଇଛି।

## ସମ୍ବଲପୁରୀ ବସ୍ତ୍ରାଳୟରୁ ଶାଢ଼ି କିଣିଲେ ସିଙ୍ଗାପୁର ରାଷ୍ଟ୍ରପତି



କଳାଭୂମିସ୍ଥିତ ସମ୍ବଲପୁରୀ ବସ୍ତ୍ରାଳୟ ଷ୍ଟଲ୍‌ରେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟମାନେ।

ଭୁବନେଶ୍ୱର,୧୮।୧ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ହ୍ୟାଣ୍ଡଲୁମ୍ ପ୍ରତିଷ୍ଠାନ ସମ୍ବଲପୁରୀ ବସ୍ତ୍ରାଳୟରୁ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ ଓ ତାଙ୍କ ଟିମ୍ ପ୍ରାୟ ୧ ଲକ୍ଷ ଟଙ୍କାର ସମ୍ବଲପୁରୀ ଡିଜାଇନ୍ ଶାଢ଼ି, ବେଡସିଟ୍ ଏବଂ ଶାର୍ଟ କିଣିବା ସହ ଉଭୟ କାରିଗରି ଓ ଡିଜାଇନ୍‌କୁ ଉଚ୍ଚ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି ଶନ୍ମୁଗରତ୍ନମ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଏବଂ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କଳାଭୂମିଠାରେ ଆୟୋଜନ କରାଯାଇଥିଲା। ରାଷ୍ଟ୍ରପତି ଓ ତାଙ୍କ ଟିମ୍‌ଙ୍କ ସହ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍‌ପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ. ଭି .ସିଂଦେଓ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉକ୍ତ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ବୁଲି ଦେଖିବା ସହ ସମ୍ବଲପୁରୀ ବସ୍ତ୍ରାଳୟ ଷ୍ଟଲ ପରିଦର୍ଶନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଓ ତାଙ୍କ ଟିମ୍ ସମ୍ବଲପୁରୀ ଶାଢ଼ି, ବେଡ୍‌ଶିଟ୍ ଏବଂ ଶାର୍ଟ କିଣିଥିଲେ। ଏଥିସହ ସେ ଓଡ଼ିଶାର କଳା, ସଂସ୍କୃତି ଓ କାରିଗରି ଦକ୍ଷତା ଦେଖି ଚକିତ ହୋଇଯାଇଥିଲେ। ଏହା ଉଭୟ ଦେଶର ବ୍ୟବସାୟରେ ବେଶ୍ ସହାୟକ ହେବ ବୋଲି ରାଷ୍ଟ୍ରପତି ଶନ୍ମୁଗରତ୍ନମ କହିଥିଲେ। ଅନ୍ୟପକ୍ଷରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ଆମ ହ୍ୟାଣ୍ଡଲୁମ୍ ଶିଳ୍ପ ପାଇଁ ବେଶ୍ ଫଳପ୍ରଦ ହେବ ବୋଲି ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ଆଶାବ୍ୟକ୍ତ କରିଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ରାଜ୍ୟ ବୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଡେପୁଟି ଡାଇରେକ୍ଟର ଟେକ୍ସଟାଇଲ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ନେଇ ସମ୍ବଲପୁରୀ ବସ୍ତ୍ରାଳୟର ମାର୍କେଟିଂ ଅଫିସର ହେମନ୍ତ କୁମାର ମିଶ୍ର କହିଛନ୍ତି, ଶୁକ୍ରବାର ସିଙ୍ଗାପୁରର ରାଷ୍ଟ୍ରପତି ଓ ତାଙ୍କ ଟିମ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତରେ ଶାଢ଼ି, ବେଡ୍‌ଶିଟ୍ ଏବଂ ଶାର୍ଟ କିଣିବା ସହ ଆମକୁ ଧନ୍ୟବାଦ ଜଣାଇଥିଲେ। ଏଥିସହିତ ଆମର ବ୍ରାଣ୍ଡ୍ ଓ ଉତ୍ପାଦର ଗୁଣବତ୍ତା ତଥା କାରିଗରି ଦେଖି ଉଚ୍ଚ ପ୍ରଶଂସା କରିଥିଲେ।

## ଧାନ ନଷ୍ଟ ଦେଖି ଚାଷୀଙ୍କ ମୃତ୍ୟୁ

ବେଗୁନିଆ,୧୮।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଲୋକିପୁର ଗ୍ରାମରେ ଗତ ୧୬ ତାରିଖରେ ହାତୀପଲ ପଶି ଅରୁଣ କହଳସିଂହ(୫୩)ଙ୍କ କଲେଇ ଗଦା ଭାଙ୍ଗି ଖାଇବା ସହିତ ଦଳିଚକଟି ନଷ୍ଟ କରିଦେଇଛନ୍ତି। ୧୭ ତାରିଖରେ ଏହା ଦେଖି କରଜ କିପରି ଶୁଝିବେ ସେ ନେଇ ଅରୁଣ ଚିନ୍ତାରେ ଭାଙ୍ଗିପଡ଼ିବା ସହ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଲକ୍ଷ୍ମୀକାନ୍ତ କହଳସିଂହ ମୁଖାଗ୍ନି ଦେଇଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି କରୁଥିଲେ ବି.ଟେକ୍ ଛାତ୍ର

ଭୁବନେଶ୍ୱର,୧୮।୧
(ସୂର୍ଯ୍ୟକାନ୍ତ ବେହେରା)

ମନ୍ଦିର ହୁଣ୍ଡିରୁ ବି.ଟେକ୍ ଛାତ୍ର ଚୋରି କରୁଥିଲେ। ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବାବେଳେ ପୋଲିସ ୨ଜଣ ବି.ଟେକ୍ ଛାତ୍ରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୀଳାଦ୍ରି ବିହାରରେ ରହୁଥିବା ଭଦ୍ରକର ସେକ୍ ଆହେବାବୁର ରେହମନ(୧୯) ଓ ପୁରୀର ଶିବାଷ୍ଟୁ ଦାସ (୧୯)। ଉଭୟଙ୍କଠାରୁ ଦାନ ବାକ୍ସ, ଗୋଟିଏ କଟର, ଗୋଟିଏ ଛୁରି ଓ ଆରି, ଗୋଟିଏ ସ୍କୁଟି, ୩ଟି ଭଙ୍ଗା ତାଲା, ୨୭୭୦ ଟଙ୍କା ଭଳି ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ସେହିପରି ଅଭିଯୁକ୍ତଦ୍ୱୟ ଗତ ବର୍ଷ ଅକ୍ଟୋବରରେ ପଟିଆ କପିଳେଶ୍ୱର ମନ୍ଦିର ଓ ନୀଳାଦ୍ରି ବିହାର ହନୁମାନ ମନ୍ଦିରରୁ ଚୋରି କରିଥିବା ଦର୍ଶାଇଥିଲେ। ସେମାନଙ୍କ ନାମରେ ପୂର୍ବରୁ ଇନ୍‌ଫୋସିଟି ଓ ଚନ୍ଦ୍ରଶେଖରପୁରରେ ୨ଟି ଆପରାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

## ନିଯୁକ୍ତି ପାଇବେ ୯୩୩ ପୋଲିସ ଅଧିକାରୀ

ଭୁବନେଶ୍ୱର,୧୮।୧
(ଅନୁରାଧା ମହାରଣା)

**ପ୍ରକାଶ ପାଇଲା ବିଜ୍ଞପ୍ତି**

ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ ଏସ୍‌ଆଇ ର୍‍ୟାଙ୍କ୍‌ର ୯୩୩ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଛି। ଏଥିଲାଗି ଜାନୁଆରୀ ୨୦ରୁ ଆବେଦନ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି। ବିଜ୍ଞପ୍ତି ଅନୁସାରେ, ଏହି ପଦବୀ ମଧ୍ୟରେ ୬୦୯ ସବ୍‌ଇନ୍ସପେକ୍ଟର, ୨୫୩ ସବ୍ ଇନ୍ସପେକ୍ଟର (ଆର୍ମଡ), ୪୭ ଷ୍ଟେଶନ ଅଫିସର (ଫାୟାର ସର୍ଭିସ୍) ଓ ୨୪ ଆସିଷ୍ଟାଣ୍ଟ ଜେଲର ପଦବୀ ରହିଛି। ଆବେଦନ ଲାଗି ପ୍ରାର୍ଥୀଙ୍କ ବୟସ ୨୦୨୪ ଜାନୁଆରୀ ୧ ସୁଦ୍ଧା ୨୧ ବର୍ଷରୁ କମ୍ କିମ୍ବା ୨୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ଆବେଦନ ପ୍ରକ୍ରିୟା ଫେବୃଆରୀ ୧୦ ଯାଏ ଚାଲିବ। ଆବେଦନ ପାଇଁ କୌଣସି ଅର୍ଥ ଦେବାକୁ ପଡିବ ନାହିଁ। ଲିଖିତ ପରୀକ୍ଷା, ଶାରୀରିକ ମାନକ ପରୀକ୍ଷା, ଶାରୀରିକ ଦକ୍ଷତା ପରୀକ୍ଷା, ଡାକ୍ତରୀ ପରୀକ୍ଷା ଓ ଡକ୍ୟୁମେଣ୍ଟ ଯାଞ୍ଚ ମାଧ୍ୟମରେ ପ୍ରାର୍ଥୀଙ୍କୁ ଚୟନ କରାଯିବ। ଚାକିରି ମିଳିବା ପରେ ସର୍ବନିମ୍ନ ୩୫,୪୦୦ ଟଙ୍କା ଓ ସର୍ବାଧିକ ୧ ଲକ୍ଷ ୧୨ ହଜାର ୪୦୦ ଦରମା ମିଳିବ ବୋଲି ଉଲ୍ଲେଖ ରହିଛି।





**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ କ୍ରିଷ୍ଣେନ୍ଦୁ



@ ବିଷ୍ଣୁ



@ ଓମ୍ ପ୍ରକାଶ



@ ଦୀପକ



@ ପ୍ରିୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଫେବୃଆରୀ ୧୪ରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ





ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ବିଭାଗୀୟ ଅଧିକାରୀମାନେ।

ଭୁବନେଶ୍ୱର, ୧୮।୧(ବନ୍ଦନା ସେଠୀ)

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଫେବୃଆରୀ ୧୪ରୁ ଆରମ୍ଭ ହେବ। ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମାବେଶରେ ରାଜ୍ୟର ସମସ୍ତ ବ୍ଲକରୁ ଗୋପାଳକ, ପ୍ରାଣୀପାଳକ ଓ ମତ୍ସ୍ୟଚାଷୀମାନେ ଯୋଗଦେବେ। ଏନେଇ ଶନିବାର ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେବା ପାଇଁ ଆୟୋଜନ ହେଉଥିବାବେଳେ ପ୍ରାୟ ୧ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହେବ। ସେହିପରି ରାଜ୍ୟର ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ, ଯାହାକି ରାଜ୍ୟର ଅନ୍ୟ ଚାଷୀଙ୍କୁ ପ୍ରେରଣା ଯୋଗାଇବ ବୋଲି ମନ୍ତ୍ରୀ କହିଛନ୍ତି। ସମାବେଶରେ ସାଧାରଣ ସଭା, କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର, ଷ୍ଟଲ୍ ପ୍ରଦର୍ଶନୀ, ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନୀ, ଡଗ୍ ଶୋ', ଘୋଡ଼ା ଶୋ' ଆଦି ଆୟୋଜନ ହେବ। ଏହି ଅବସରରେ ମନ୍ତ୍ରୀ ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ସାଦିକ୍ ଆଲାମ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଣି ଫେରିଲା ଆର୍‌ଆଇ, ଫରେଷ୍ଟର ପରୀକ୍ଷା ବାତିଲ ଦାବି

ଭୁବନେଶ୍ୱର,୧୮।୧(ସୁଚିସ୍ମିତା ସାହୁ)

**ଆନ୍ଦୋଳନ ଚେତାବନୀ ଦେଲା ଷ୍ଟୁଡେଣ୍ଟ୍‌ସ ଏଗ୍‌ନେଷ୍ଟ କରପ୍‌ଶନ**





ରାଜ୍ୟରେ ଶିକ୍ଷିତ ବେକାରି ସଂଖ୍ୟା ବଢ଼ିଚାଲିଛି। ଏପରିସ୍ଥିତିରେ ରାଜ୍ୟରେ ନିଯୁକ୍ତି ପରୀକ୍ଷା ଦୁର୍ନୀତି ଓ ଅନିୟମିତତା ଆଶାୟୀଙ୍କ ସ୍ୱପ୍ନକୁ ଭାଙ୍ଗି କରିଦେଉଛି। ରାଜ୍ୟ ସରକାର ନିଯୁକ୍ତି ବିଜ୍ଞାପନ ବାହାର କରିବାର ୫/୬ମାସ ପରେ ପରୀକ୍ଷା କରୁଥିବାବେଳେ ପରୀକ୍ଷା ଦେବାର ୭ମାସ ପରେ ବି ରେଜଲ୍ଟ ବାହାରିପାରୁ ନାହିଁ। ଅନ୍ୟପଟେ ଆର୍‌ଆଇ, ଅମିନ, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ଼ ପରୀକ୍ଷା ଦୁର୍ନୀତିକୁ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଚାକିରି ଆଶାୟୀଙ୍କ ପାଇଁ ଲଢ଼େଇ କରୁଥିବା ଷ୍ଟୁଡେଣ୍ଟ୍‌ସ ଏଗ୍‌ନେଷ୍ଟ କରପ୍‌ଶନ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ସଙ୍ଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର ଏନେଇ ପୁଣି ଅଭିଯୋଗ ଉଠାଇ ପରୀକ୍ଷା ବାତିଲ ଦାବି କରିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଆର୍‌ଆଇ, ଏଆର୍‌ଆଇ, ଅମିନ, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇ ଆସୁଛି। କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିବାବେଳେ ପରୀକ୍ଷା କେନ୍ଦ୍ର ମାଲିକ ମଧ୍ୟ ନକଲି। ତେଣୁ ନକଲି ସେଣ୍ଟର ମାଲିକଙ୍କୁ ଗିରଫ କରାଯିବା ସହ ପୁନଃ ପରୀକ୍ଷା ଦାବି କରି ଷ୍ଟୁଡେଣ୍ଟ୍‌ସ ଏଗ୍‌ନେଷ୍ଟ କରପ୍‌ଶନ ନେତୃତ୍ୱରେ ଆଶାୟୀମାନେ ଦୀର୍ଘ ମାସ ଧରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଗତ ଅକ୍ଟୋବର ୧୭ରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଘଟଣାର ତଦନ୍ତ କରାଯାଉଛି ବୋଲି ଜଣାଇଥିଲା। ନଭେମ୍ବର ୭ରେ ପରୀକ୍ଷାର୍ଥୀଙ୍କ ଠାରୁ ଅଭିଯୋଗ ଗ୍ରହଣ କରିବାକୁ ଏକ ପୋର୍ଟାଲ ଓଏସ୍‌ଏସ୍‌ଏସ୍‌ସି ମାଧ୍ୟମରେ ଖୋଲାଯିବା ପରେ ହଜାର ହଜାର ପରୀକ୍ଷାର୍ଥୀ ଅଭିଯୋଗ କରିଥିଲେ। ଇତିମଧ୍ୟରେ ତିନି ମାସ ବିତିଯାଇଥିଲେ ସୁଦ୍ଧା ଏଯାବତ କାହିଁକି କୌଣସି ତଦନ୍ତ ରିପୋର୍ଟ ଆସିନାହିଁ ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣାରେ ସରକାରଙ୍କ ନିଷ୍ପତ୍ତି ନେବାରେ ବିଳମ୍ବ ଓ ଅବହେଳା ନିଯୁକ୍ତି ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛି। କରୋନା ମହାମାରୀ ଓ ଏବେ ଠିକ୍ ସମୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉ ନ ଥିବାରୁ ଚାକିରି ଆଶାୟୀଙ୍କ ବୟସ ସୀମା ଗଡ଼ିଯାଉଛି। ତେଣୁ ଅନ୍ୟ ରାଜ୍ୟ ଭଳି ନିଯୁକ୍ତି ବୟସ ସୀମା ୪୨କୁ ବୃଦ୍ଧି କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ୫ଦିନ ମଧ୍ୟରେ ଦାବିପୂରଣ ନ ହେଲେ, ଆସନ୍ତା ୨୩ ତାରିଖରେ ମେଧାବୀ ବିଦ୍ୟାର୍ଥୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ସଂଘ ସଦସ୍ୟ ପରମେଶ୍ୱର ବଳ ଓ ସୌମ୍ୟ ଅନୁପ୍ରାଶ ଉପସ୍ଥିତ ଥିଲେ।

